# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY


ବର୍ଷ-୯ ◆ ସଂଖ୍ୟା- ୪୬ ◆ ଭୁବନେଶ୍ୱର ◆ ସୋମବାର ◆ ଜୁଲାଇ ୦୬ରୁ ଜୁଲାଇ ୧୨, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-46 ◆ Bhubaneswar ◆ Monday ◆ July 06 to July 12, 2026 ◆ Page-8 ◆ Price Rs.4.00


## ଇସ୍କନ୍‌ର ସ୍ନାନଯାତ୍ରା, ରଥଯାତ୍ରାକୁ ବିରୋଧ

# ଚିଠି ଲେଖିଲେ ଗଜପତି ମହାରାଜା

ଭୁବନେଶ୍ୱର,(ଜା.ପ୍ର): ସାରା ବିଶ୍ୱର ଇସ୍କନ ମନ୍ଦିର କେବଳ ଜ୍ୟେଷ୍ଠ ପୂର୍ଣ୍ଣିମାରେ ହିଁ ସ୍ନାନ ଯାତ୍ରା ଆୟୋଜନ କରନ୍ତୁ। ସେହିପରି ଆଷାଢ଼ ଶୁକ୍ଳ ଦ୍ୱିତୀୟାଠାରୁ ଆରମ୍ଭ ହେଉଥିବା ନବଦିନାତ୍ମକ ଯାତ୍ରା ଅବଧି ଭିତରେ ହିଁ ରଥଯାତ୍ରା ପାଳନ କରାଯାଉ। ଏଭଳି ଅନୁରୋଧ କରି ଇସ୍କନ କର୍ତ୍ତୃପକ୍ଷଙ୍କୁ ପୁଣି ଚିଠି ଲେଖିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଗଜପତି ମହାରାଜା ଦିବ୍ୟସିଂହ ଦେବ।



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ସମୟରେ ବାରମ୍ବାର ହେଉଥିବା ତିଥି ବିଭ୍ରାଟ ଓ ଶାସ୍ତ୍ରୀୟ ନିୟମର ଉଲ୍ଲଂଘନକୁ ନେଇ ଗଜପତି ମହାରାଜା କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସେ ଇସ୍କନର ସର୍ବୋଚ୍ଚ ପରିଚାଳନା ସଂସ୍ଥା 'ଗଭର୍ଣ୍ଣିଂ ବଡି କମିଶନ'ର ଚେୟାରମ୍ୟାନ୍ ମଧୁସେବିତ ଦାସ ପ୍ରଭୁଙ୍କୁ ଏକ ସ୍ପଷ୍ଟ ଓ କଡ଼ା ଚିଠି ଲେଖିଛନ୍ତି। ବିଶେଷ କରି ଭାରତ ବାହାରେ ଥିବା ଇସ୍କନ ମନ୍ଦିରଗୁଡ଼ିକରେ ବର୍ଷସାରା ବିଭିନ୍ନ ତାରିଖରେ ରଥଯାତ୍ରା କରାଯାଉଥିବାରୁ ଏହା ଉପରେ ଗଜପତି ତୀବ୍ର ଆପତ୍ତି ଉଠାଇଛନ୍ତି। ଚିଠିରେ କିଛି ମୁଖ୍ୟ ବିଷୟବସ୍ତୁ ଓ ଶାସ୍ତ୍ରୀୟ ନିୟମ ରହିଛି। ପ୍ରଥମ ସ୍ନାନଯାତ୍ରା ନିୟମ। ମହାପ୍ରଭୁଙ୍କ ସ୍ନାନଯାତ୍ରା କେବଳ ଏବଂ କେବଳ 'ଜ୍ୟେଷ୍ଠ ପୂର୍ଣ୍ଣିମା' ତିଥିରେ ହିଁ କରାଯିବା ଉଚିତ। ସାରା ବିଶ୍ୱରେ ଥିବା ସମସ୍ତ ଇସ୍କନ ମନ୍ଦିର ଏହି ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହିଁ ଏହି ନୀତି ପାଳନ କରନ୍ତୁ। ସେହିପରି ଭାରତରେ ଥିବା ସମସ୍ତ ମନ୍ଦିର ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରୁ ଆରମ୍ଭ କରି ୯ ଦିନିଆ ଶାସ୍ତ୍ରୀୟ ଅବଧି ମଧ୍ୟରେ ହିଁ ରଥଯାତ୍ରା ଶେଷ କରନ୍ତୁ। ଚଳିତ ବର୍ଷ ଇସ୍କନ ଉଜ୍ଜୟିନୀ ପକ୍ଷରୁ ଜୁଲାଇ ୧୬ ରୁ ୨୫ ବାହାରେ କରାଯାଉଥିବା କିଛି ବିଜ୍ଞାପନକୁ ଗଜପତି ଏହି ଚିଠିରେ ଫ୍ଲାଗ୍ କରିଛନ୍ତି। ବିଦେଶରେ ବର୍ଷ ସାରା ଯେକୌଣସି ତାରିଖ କିମ୍ବା ସପ୍ତାହନ୍ତରେ ରଥଯାତ୍ରା କରିବା ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ସେଠାରେ ମଧ୍ୟ ନିର୍ଦ୍ଦିଷ୍ଟ ୯ ଦିନିଆ ଶାସ୍ତ୍ରୀୟ ଅବଧି ମଧ୍ୟରେ ହିଁ ଯାତ୍ରା ଆୟୋଜନ ହେବା ଆବଶ୍ୟକ। ଗଜପତି ମହାରାଜା ନିଜ ଚିଠିରେ ସ୍କନ୍ଦ ପୁରାଣ (ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୨୯ତମ ଅଧ୍ୟାୟ) ଏବଂ ସେପ୍ଟେମ୍ବର ୨୦୨୫ରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ, ଶଙ୍କରାଚାର୍ଯ୍ୟ ଏବଂ ବୈଷ୍ଣବାଚାର୍ଯ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ଚୂଡ଼ାନ୍ତ ମତକୁ ଉଲ୍ଲେଖ କରିଛନ୍ତି। ମହାପ୍ରଭୁଙ୍କ ରଥଯାତ୍ରା ଏକ 'ନବଦିନାତ୍ମକ ଯାତ୍ରା', ଯାହା ସ୍ୱୟଂ ଭଗବାନଙ୍କ ଦୈବୀ ଆଦେଶ ଅଟେ। ଲୋକାଲ୍ ସ୍ଥିତି ଅନୁସାରେ ଉତ୍ସବ ପାଳନର ଶୈଳୀ ବଦଳିପାରେ କିନ୍ତୁ ଭଗବାନଙ୍କ ନିର୍ଦ୍ଦିଷ୍ଟ ତିଥିକୁ କେବେ ବି ବଦଳାଯାଇପାରିବ ନାହିଁ। ଏଭଳି ମନଇଚ୍ଛା ତିଥି ପରିବର୍ତ୍ତନ ଦ୍ୱାରା ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବନାକୁ ଗଭୀର ଆଘାତ ଲାଗୁଛି। ଗୋଟିଏ ପଟେ ଇସ୍କନ ଭାରତ ଭିତରେ ଓ ବାହାରେ ମହର୍ଷି ବେଦବ୍ୟାସଙ୍କ ଧର୍ମଗ୍ରନ୍ଥରେ ଭଗବାନ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶାବଳୀକୁ ମାନୁଛି । ଅନ୍ୟପକ୍ଷରେ ଇସ୍କନ ନିର୍ଦ୍ଧାରିତ ତିଥିରେ ସ୍ନାନ ଯାତ୍ରା ଓ ରଥଯାତ୍ରା ପାଳନ ନ କରି ମହର୍ଷି ବେଦବ୍ୟାସଙ୍କ ପବିତ୍ର ଧର୍ମଗ୍ରନ୍ଥରେ ମହାପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି । ଏହା ସାରା ବିଶ୍ୱରେ ଥିବା ଅଗଣିତ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଛି । ତେଣୁ ଇସ୍କନ ଜିବିସି ଅକ୍ଟୋବର ୨୦୨୫ ମସିହାରେ ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ଗଜପତି ମହାରାଜା ଚିଠିରେ ଅନୁରୋଧ କରିଛନ୍ତି।

## ଇନ୍‌ଷ୍ଟାଗ୍ରାମ୍‌ରେ ଶିଶୁ ଯୌନ ଶୋଷଣ ବିଜ୍ଞାପନ ମାମଲା: ମେଟାକୁ ସରକାରଙ୍କ ନୋଟିସ୍

ନୂଆଦିଲ୍ଲୀ,(ଏଜେନ୍ସି): ଇନ୍‌ଷ୍ଟାଗ୍ରାମ୍‌ରେ ଶିଶୁ ଯୌନ ଶୋଷଣ ସହ ଜଡ଼ିତ କଣ୍ଟେଣ୍ଟ୍‌କୁ ପ୍ରୋତ୍ସାହିତ କରୁଥିବା ବିଜ୍ଞାପନକୁ ନେଇ ସରକାର ପ୍ୟାରେଣ୍ଟ୍ କମ୍ପାନୀ ମେଟାକୁ ନୋଟିସ୍ ପଠାଇଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ କମ୍ପାନୀକୁ ୭ ଦିନ ମଧ୍ୟରେ ନୋଟିସ୍‌ର ଜବାବ ଦେବାକୁ ହେବ। ଏହି ନୋଟିସ୍ ଜୁଲାଇ ୪ ତାରିଖରେ ଜାରି କରାଯାଇଛି। ମିଡିଆ ରିପୋର୍ଟ ଅନୁସାରେ ନିଜ ପ୍ଲାଟ୍‌ଫର୍ମରେ ଥିବା ଏପରି କଣ୍ଟେଣ୍ଟ୍ ଏବଂ ବିଜ୍ଞାପନକୁ ତୁରନ୍ତ ବ୍ଲକ୍ କରିବା ଏବଂ ହଟାଇବା ପାଇଁ ସୂଚନା ପ୍ରାଦ୍ୟୋଗିକୀ ମନ୍ତ୍ରଣାଳୟ ଇନ୍‌ଷ୍ଟାଗ୍ରାମ୍‌କୁ ନିର୍ଦ୍ଦେଶ ଦେଇଛି। ଏହା ପୂର୍ବରୁ ସରକାର ହ୍ୱାଟ୍ସଆପ୍‌ର ୟୁଜର୍‌ନେମ୍ ଫିଚର୍‌କୁ ନେଇ ଜୁଲାଇ ୧ ତାରିଖରେ ମେଟାକୁ ନୋଟିସ୍ ଜାରି କରିଥିଲେ।

ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟାଗ୍ରାମ୍ ଭାରତରେ ଶିଶୁଙ୍କ ଯୌନ ଶୋଷଣ ସମ୍ପର୍କିତ ବିଜ୍ଞାପନ ପ୍ରଦର୍ଶନ କରୁଥିବା ବିବିସି ନିଜର ଏକ ଇନ୍‌ଭେଷ୍ଟିଗେଟିଭ୍ ରିପୋର୍ଟରେ ଜଣାଇଥିଲା। ବିସିସି ରିପୋର୍ଟରେ ପ୍ରକାଶ ପାଇଥିଲା ଯେ ମେଟାରେ ଯୌନ ଶୋଷଣ ସମ୍ପର୍କିତ କଣ୍ଟେଣ୍ଟ୍ ଶସ୍ତାରେ ମିଳୁଛି। ଇନ୍‌ଷ୍ଟଗ୍ରାମ୍‌ରେ ଶିଶୁ ଯୌନ ଶୋଷଣ ସାମଗ୍ରୀ ଉପସ୍ଥିତ ଥିବା ବିସିସି ରିପୋର୍ଟରେ ଦାବି କରାଯାଇଛି। ଭାରତରେ ଇନ୍‌ଷ୍ଟାଗ୍ରାମ୍‌ରେ ଏପରି ପେଡ୍ ବିଜ୍ଞାପନ ଚାଲୁଥିଲା, ଯେଉଁଥିରେ 'ରେପ୍ ଭିଡିଓ' ଏବଂ 'ଚାଇଲ୍ଡ ଭିଡିଓ' ପରି ଶବ୍ଦର ବ୍ୟବହାର କରାଯାଇଥିଲା। ଏହି ବିଜ୍ଞାପନରେ କ୍ଲିକ୍ କରିବାରେ ୟୁଜର୍ସଙ୍କୁ ଟେଲିଗ୍ରାମ୍ ଚ୍ୟାନେଲ୍‌କୁ ପଠାଯାଉଥିଲା, ଯେଉଠି କଥିତ ଭାବେ ଶିଶୁ ଯୌନ ଶୋଷଣ ସହ ଜଡ଼ିତ କଣ୍ଟେଣ୍ଟ୍ ବହୁ କମ୍ ଦାମ୍‌ରେ ୯୯ ଟଙ୍କାରେ ବିକ୍ରି ହେଉଥିଲା।

ରିପୋର୍ଟ ଅନୁସାରେ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରଦର୍ଶିତ ସମସ୍ତ ବିଜ୍ଞାପନ ପ୍ରଥମେ ମେଟାର ମଡରେସନ୍ ସିଷ୍ଟମ୍‌ରୁ ମଞ୍ଜୁରୀ ମିଳିବା ପରେ ଲାଇଭ୍ ହୋଇଥାଏ। ଏପରି ଏକ ବିଜ୍ଞାପନ ସମ୍ପର୍କରେ ବିବିସି ଅଭିଯୋଗ କରିବାରୁ ଏପରି ପୋଷ୍ଟ୍ ତା' କମ୍ୟୁନିଟି ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ କରୁନାହିଁ ବୋଲି ଇନ୍‌ଷ୍ଟାଗ୍ରାମ୍ ପକ୍ଷରୁ କୁହାଯାଇଥିଲା। ଏହାପରେ ବିସିସି ମେଟାକୁ ଏହାର ଜବାବ ମାଗିବାରୁ କମ୍ପାନୀ କହିଥିଲା କି ସେ କେତେକ ବିଜ୍ଞାପନ ହଟାଇ ଦେଇଛି ଏବଂ ସମ୍ବନ୍ଧିତ ଆକାଉଣ୍ଟ୍‌କୁ ସସ୍‌ପେଣ୍ଡ କରିବା ସହିତ ତା' ୟୁଆର୍‌ଏଲ୍‌କୁ ହଟାଇ ଦେଇଛି। ମେଟା ଏହା ମଧ୍ୟ ମାନିଥିଲା ଯେ କୌଣସି ବି ମଡରେସନ୍ ସିଷ୍ଟମ୍ ସମ୍ପୂର୍ଣ୍ଣ ଭାବେ ପରଫେକ୍ଟ ହୋଇନଥାଏ ଏବଂ ରିଭ୍ୟୁ ପ୍ରୋସେସ୍ ପ୍ରତ୍ୟେକ ନିୟମ ଉଲ୍ଲଂଘନର ଚିହ୍ନଟ କରିପାରି ନଥାଏ।

## ଭୂଦାନ ଜମିର ବଣ୍ଟନ ଏବଂ ମ୍ୟୁଟେସନ ସ୍ଥଗିତ

ଭୁବନେଶ୍ୱର,(ଜା.ପ୍ର): ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି ନେଇଛି। ଏନେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଆର୍‌ଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହିତ, ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।



ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି। ପ୍ରକାଶ ଯେ ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଏବଂ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଥିବା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହା ଫଳରେ ପରବର୍ତ୍ତୀ ସମୟରେ ମ୍ୟୁଟେସନ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୂଦାନ ଜମିର ବଣ୍ଟନ ଏବଂ ମ୍ୟୁଟେସନ୍ ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରାଯାଇଛି।

## ଚିଠା ଭୋଟର ତାଲିକା ପ୍ରକାଶିତ, ୨୦.୧୪ ଲକ୍ଷ ବାଦ୍

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ରବିବାର ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ଘରକୁ ଘର ବୁଲି ପରିଗଣନା ଫର୍ମ ବାଣ୍ଟିଥିଲେ ବୁଥ୍ ଲେବଲ୍ ଅଫିସର। ରାଜ୍ୟର ପ୍ରାୟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଭୋଟରଙ୍କ ମଧ୍ୟରୁ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣଙ୍କଠାରୁ ଫର୍ମ ସଂଗ୍ରହ କରାଯାଇଛି। ବିଭିନ୍ନ କାରଣରୁ ବାଦ୍ ପଡ଼ିଛି ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ। ଯେଉଁମାନଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ମୃତ ବୋଲି ଜଣାପଡ଼ିଥିବା ବେଳେ ସ୍ଥାନାନ୍ତରିତ ଏବଂ ଅନୁପସ୍ଥିତ ଅଛନ୍ତି ୧୦ ଲକ୍ଷ ୭ ହଜାର। ଏକାଧିକ ସ୍ଥାନରେ ପଞ୍ଜୀକୃତ ଯୋଗୁଁ କଟିଛି ୧ ଲକ୍ଷ ୫୮ ହଜାର ନାଁ। ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଭୋଟର୍ ବାଦ୍ ପଡ଼ିଛନ୍ତି। ଉପକୂଳ ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ବାଲେଶ୍ୱରରେ ବହୁ ଭୋଟର୍ ବାଦ୍ ପଡ଼ିଥିବା ଜଣାପଡ଼ିଛି। ତେବେ ଚିଠା ଭୋଟର୍ ତାଲିକାକୁ ନେଇ ଯଦି କାହାର ଆପତ୍ତି ଥାଏ, ତାହେଲେ ଆସନ୍ତା ଅଗଷ୍ଟ ୪ ତାରିଖ ସୁଦ୍ଧା ଦାବି କିମ୍ବା ଆପତ୍ତି ଅଭିଯୋଗ କରିପାରିବେ। ଯାଞ୍ଚ ପରେ ପ୍ରକୃତ ଭୋଟରମାନଙ୍କୁ ତାଲିକାରେ ପୁନର୍ବାର ଯୋଡ଼ା ଯାଇପାରିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ କହିଛନ୍ତି। ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ଜଣ ପୁରୁଷ ଓ ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଭୋଟର୍ ଅଛନ୍ତି। ସେହିଭଳି ୨ ହଜାର ୭୭୫ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ତାଲିକାରେ ନିଜ ନାଁ ଅଛି କି ନାହିଁ, ଜଣେ ନିଜ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଉପଲବ୍ଧ ତାଲିକାରୁ ଜାଣିପାରିବେ। ଯଦି ନାଁ ନମିଳୁଛି ତେବେ ଫର୍ମ-୬ ପୂରଣକରି ଘୋଷଣାପତ୍ର ଏବଂ ଅନ୍ୟ ଦସ୍ତାବିଜ୍ ସହ ବିଏଲଓଙ୍କ ପାଖରେ ଦାଖଲ କରିପାରିବେ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। ଜୁଲାଇ ୫ ତାରିଖ ଆଜିଠାରୁ ଅଗଷ୍ଟ ୪ ତାରିଖ ଯାଏଁ ଭୋଟର ତାଲିକାକୁ ଆପତ୍ତି ଅଭିଯୋଗ କରିହେବ। ଫର୍ମ-୬ ରେ ନୂଆ ଭୋଟର ଯୋଗ, ଫର୍ମ ୭ରେ ଭୋଟର ତାଲିକାରୁ ବାଦ ଓ ଫର୍ମ-୮ରେ ସଂଶୋଧନ କରିହେବ। ସେପ୍ଟେମ୍ବର ୨ ତାରିଖ ଯାଏଁ ଆପତ୍ତି ଅଭିଯୋଗର ସମାଧାନ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଜାତୀୟ ଚେତନା
JATIYA CHETANA



## 'ଭିବି-ଜି-ରାମ୍-ଜି' ପାଇଁ ରାଜ୍ୟଗୁଡ଼ିକୁ ୨୫,୮୬୩ କୋଟି ଟଙ୍କାର ପ୍ରଥମ କିସ୍ତି ଜାରି କଲେ ଶିବରାଜ ସିଂହ ଚୌହାନ

# 'ସାରା ଦେଶରେ ଗୋଟିଏ ଦିନରେ 'ଭିବି-ଜି-ରାମ-ଜି' ସୁଚାରୁ ଓ ସଫଳତାର ସହ କାର୍ଯ୍ୟକାରୀ ହୋଇଛି'

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ବିକଶିତ ଭାରତ–ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)' (ଭିବି-ଜି-ରାମ-ଜି)ର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି। ଏହି ବୈଠକ ଅବସରରେ ସେ ଏହି ଯୋଜନାର ରୂପାୟନ ପାଇଁ ରାଜ୍ୟଗୁଡ଼ିକୁ ୨୫,୮୬୩ କୋଟି ଟଙ୍କାର ପ୍ରଥମ କିସ୍ତି ଜାରି କରିଛନ୍ତି।



ଏହି ବୈଠକକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଥିଲେ ଯେ, ସରକାର ଜୁଲାଇ ୧, ୨୦୨୬ ରୁ କୌଣସି ବାଧାବିଘ୍ନ ବିନା ସାରା ଦେଶରେ 'ଭିବି-ଜି-ରାମ-ଜି'କୁ ଲାଗୁ କରିବା ପାଇଁ ସଂକଳ୍ପ ନେଇଥିଲେ। ଆନନ୍ଦର ବିଷୟ ଯେ ସାରା ଦେଶରେ ଏହି ଯୋଜନା ସଫଳତାର ସହ ଆରମ୍ଭ ହୋଇଛି ଏବଂ 'ମନରେଗା' ରୁ 'ଭିବି-ଜି-ରାମ-ଜି କୁ ପରିବର୍ତ୍ତନ ଅତ୍ୟନ୍ତ ସହଜ ଓ ସୁରୁଖୁରୁରେ ହୋଇପାରିଛି। ବର୍ତ୍ତମାନ ସୁଦ୍ଧା କୌଣସି ବୈଷୟିକ ବା ପରିଚାଳନାଗତ ସମସ୍ୟା ଦେଖାଦେଇ ନାହିଁ।

ସେ କହିଥିଲେ ଯେ ଗରିବ ଶ୍ରମିକଙ୍କ ସେବା କରିବା ଇଶ୍ୱରଙ୍କ ସେବା ସହ ସମାନ। ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାମୀଣ ଶ୍ରମିକଙ୍କୁ ସମ୍ମାନଜନକ ରୋଜଗାର ଯୋଗାଇବା, ସମୟରେ ପାଉଣା ପ୍ରଦାନ ଓ ସ୍ଥାୟୀ ପରିସମ୍ପତ୍ତି ନିର୍ମାଣ। ଶ୍ରୀ ଚୌହାନ କହିଥିଲେ ଯେ ସାରା ଦେଶରେ 'ମନରେଗା' କାର୍ଯ୍ୟକାରୀ ହେବା ପାଇଁ ପ୍ରାୟ ତିନି ବର୍ଷ ସମୟ ଲାଗିଥିବା ବେଳେ, 'ଭିବି-ଜି-ରାମ-ଜି' ମାତ୍ର ଗୋଟିଏ ଦିନରେ ଦେଶବ୍ୟାପୀ ଲାଗୁ କରାଯାଇପାରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ରାଜ୍ୟଗୁଡ଼ିକର ସହଯୋଗ ଏବଂ ଦେଶର ପ୍ରଶାସନିକ ଦକ୍ଷତା ଯୋଗୁଁ ଏହି ବଡ଼ ସଫଳତା ହାସଲ ହୋଇପାରିଛି ବୋଲି ସେ ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ସୁଶାସନ ଏବଂ ପ୍ରଭାବଶାଳୀ ସମନ୍ୱୟକୁ ପ୍ରତିଫଳିତ କରୁଛି।

ପ୍ରାରମ୍ଭିକ ପ୍ରଗତିର ସମୀକ୍ଷା କରି ମନ୍ତ୍ରୀ କହିଥିଲେ ଯେ, ପ୍ରଥମ ସପ୍ତାହରେ ଅନେକ ଗ୍ରାମ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଲକ୍ଷ ଲକ୍ଷ ଗ୍ରାମୀଣ ଶ୍ରମିକଙ୍କୁ ରୋଜଗାର ପ୍ରଦାନ କରାଯାଇଛି। ପ୍ରଥମ ଦିନରେ ହିଁ ବହୁ ସଂଖ୍ୟାରେ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିଥିବାରୁ ସେ ଆନ୍ଧ୍ରପ୍ରଦେଶ, କେରଳ ଏବଂ ରାଜସ୍ଥାନକୁ ବିଶେଷ ଭାବେ ପ୍ରଶଂସା କରିଥିଲେ। ବାକି ରହିଯାଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ସେ ଓଡ଼ିଶା ଏବଂ ପଶ୍ଚିମବଙ୍ଗକୁ ଅନୁରୋଧ କରିଛନ୍ତି ଏବଂ ଝାଡ଼ଖଣ୍ଡକୁ ଏହି ଯୋଜନାର ଅଧିସୂଚନା ପ୍ରକାଶ କରିବା ସହ ଆବଶ୍ୟକୀୟ ବଜେଟ୍ ବ୍ୟବସ୍ଥା କରିବାକୁ କହିଛନ୍ତି। ଯେଉଁ ରାଜ୍ୟଗୁଡ଼ିକରେ ଆରବିଆଇ ଆକାଉଣ୍ଟ କିମ୍ବା ଅନ୍ୟାନ୍ୟ ଆନୁଷ୍ଠାନିକ ପ୍ରକ୍ରିୟା ବାକି ରହିଛି, ସେଗୁଡ଼ିକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି। ସେ କହିଥିଲେ ଯେ ଭିବି-ଜି-ରାମ-ଜି ପଦକ୍ଷେପ ଅଧୀନରେ ମଜୁରୀ ହାର ହାରାହାରି ପ୍ରାୟ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏବେ, ଦେଶର ଯେକୌଣସି ରାଜ୍ୟରେ ମଜୁରୀ ପ୍ରତିଦିନ ୩୦୦ ଟଙ୍କାରୁ କମ୍ ହେବ ନାହିଁ। ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗ୍ରାମୀଣ ଶ୍ରମିକଙ୍କ ଆୟ ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ଶ୍ରୀ ଚୌହାନ କହିଥିଲେ ଯେ ଆଜି ଜାରି କରାଯାଇଥିବା ୨୫,୮୬୩ କୋଟି ଟଙ୍କାର ପ୍ରଥମ କିସ୍ତିର ଉଦ୍ଦେଶ୍ୟ ହେଉଛି ରାଜ୍ୟଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ସୁନିଶ୍ଚିତ କରିବା, ଯଦ୍ଦ୍ୱାରା ୧୫ ଦିନ ମଧ୍ୟରେ ମଜୁରୀ ପ୍ରଦାନ କରାଯାଇପାରିବ। ମଜୁରୀ ପ୍ରଦାନରେ ଯେପରି କୌଣସି ବିଳମ୍ବ ନହୁଏ, ସେଥିପାଇଁ ସେ ସମସ୍ତ ରାଜ୍ୟ ସରକାରଙ୍କୁ ସେମାନଙ୍କର ଭାଗ ଠିକ୍ ସମୟରେ ଜାରି କରିବାକୁ ଅନୁରୋଧ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ 'ଭିବି-ଜି-ରାମ-ଜି'ର ପ୍ରଭାବଶାଳୀ ରୂପାୟନ ପାଇଁ ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ରାଜ୍ୟଗୁଡ଼ିକରୁ ମିଳିଥିବା ଚାହିଦା ଆଧାରରେ ପ୍ରଥମ କିସ୍ତି ଜାରି କରାଯାଇଛି। ସେ କହିଛନ୍ତି ଯେ ସମାବେଶୀ ଏବଂ ସହଭାଗୀ ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ବିକାଶମୂଳକ କାର୍ଯ୍ୟ ଚୟନ କରିବା ଉଚିତ।

ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ କହିଛନ୍ତି ଯେ ଫେସ୍ ଅଥେଣ୍ଟିକେସନ୍, ଜିଓ-ଟ୍ୟାଗିଂ ଏବଂ ଅନ୍ୟାନ୍ୟ ବୈଷୟିକ ପଦକ୍ଷେପଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଲାଗୁ କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ ଯୋଜନାରେ କୌଣସି ଅନିୟମିତତା କିମ୍ବା ଜାଲିଆତି ପାଇଁ ସ୍ଥାନ ନାହିଁ ଏବଂ ସରକାର ସ୍ୱଚ୍ଛତା, ବିଶ୍ୱସନୀୟତା ସୁନିଶ୍ଚିତ କରିବା ସହ ଉନ୍ନତମାନର ପରିସମ୍ପତ୍ତି ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ। ସେ ଆହୁରି ସୂଚନା ଦେଇଥିଲେ ଯେ, ରାଜ୍ୟଗୁଡ଼ିକୁ ନିରନ୍ତର ସହାୟତା ଯୋଗାଇଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ଆଞ୍ଚଳିକ ଅଧିକାରୀ ନିୟୋଜିତ କରାଯାଇଛି। ଏହି ଅଧିକାରୀମାନେ ରାଜ୍ୟଗୁଡ଼ିକ ସହ ନିୟମିତ ସମନ୍ୱୟ ରକ୍ଷା କରିବେ ଏବଂ ଯୋଜନା ରୂପାୟନ ସହ ଜଡ଼ିତ ସମସ୍ୟାଗୁଡ଼ିକର ସୂଚାରୁ ଓ ଶୀଘ୍ର ସମାଧାନ ସୁନିଶ୍ଚିତ କରିବେ।

ନିଜ ଅଭିଭାଷଣରେ ଶ୍ରୀ ଚୌହାନ କହିଛନ୍ତି ଯେ, ଠିକ୍ ସମୟରେ ମଜୁରୀ ପ୍ରଦାନ କରିବା କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଏକ ମିଳିତ ଦାୟିତ୍ୱ। ଭାରତ ସରକାର ଠିକ୍ ସମୟରେ ପ୍ରଥମ କିସ୍ତି ଜାରି କରି ନିଜର ଦାୟିତ୍ୱ ତୁଲାଇଥିବା ବେଳେ, ରାଜ୍ୟଗୁଡ଼ିକ ମଧ୍ୟ ସେମାନଙ୍କ ଅଂଶଧନ ତୁରନ୍ତ ଜାରି କରିବେ ବୋଲି ଆଶା କରାଯାଉଛି, ଯଦ୍ଦ୍ୱାରା ପ୍ରତ୍ୟେକ ଯୋଗ୍ୟ ଶ୍ରମିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେମାନଙ୍କ ମଜୁରୀ ପାଇପାରିବେ।

ଏହି ବୈଠକରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପେମ୍ମାସାନୀ, ରାଷ୍ଟ୍ରମନ୍ତ୍ରୀ କମଲେଶ ପାସୱାନ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗ୍ରାମୀଣ ବିକାଶ ମନ୍ତ୍ରୀ, କେନ୍ଦ୍ର ଗ୍ରାମୀଣ ବିକାଶ ସଚିବ ଶ୍ରୀ ରୋହିତ କନସଲ, ଯୁଗ୍ମ ସଚିବ ସୁଶ୍ରୀ ରୋହିଣୀ ଆର. ଭାଜିଭାକରେ ଏବଂ ମନ୍ତ୍ରଣାଳୟ ତଥା ରାଜ୍ୟ ସରକାରଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ୨୩ ସନ୍ଦିଗ୍ଧ 'ଆତଙ୍କବାଦୀ' ଘୋଷିତ: ଜେଇଏମ୍, ଏଲ୍ଇଟି ଭଳି ଆତଙ୍କୀ ସଂଗଠନ ସହ ରହିଛି ସମ୍ପର୍କ

ନୂଆଦିଲ୍ଲୀ,(ଏଜେନ୍ସି): କେନ୍ଦ୍ର ସରକାର ଶନିବାର ପ୍ରାୟ ୨୩ ସନ୍ଦିଗ୍ଧଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ଏମିତି ଜଣେ ଆତଙ୍କବାଦୀ ମଧ୍ୟ ସାମିଲ ଅଛି, ଯିଏ ଅଯୋଧ୍ୟାରେ ରାମ ମନ୍ଦିର ଏବଂ ନାଗପୁରରେ ଆରଏସ୍ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ) କାର୍ଯ୍ୟାଳୟର ରେକି ବା ଏସବୁ ସ୍ଥାନକୁ ଯାଇ ସେଠାରୁ ଅନେକ ତଥ୍ୟ ହାସଲ କରିବାରେ ସାମିଲ ଥିବା ଜଣାପଡ଼ିଛି। ସବୁଠୁ ବଡ଼କଥା ହେଉଛି ଏହି ଆତଙ୍କବାଦୀର ନାମ ମହମ୍ମଦ ମୁସାଦିକ୍ ଏବଂ ସେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀ ହାଫିଜ୍ ସୟିଦ୍‌ର ସମ୍ପର୍କୀୟ ବୋଲି ଜଣାପଡ଼ିଛି। ତେବେ ଏହି ରେକି ମୁସାଦିକ ନିଜେ କରିଥିଲା ନା ଅନ୍ୟ କାହା ଦ୍ୱାରା କରାଇଥିଲା ଏବଂ ଏହି ରେକି କେବେ କରାଯାଇଥିଲା, ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ସାମ୍ନାକୁ ଆସିନାହିଁ।

ସରକାରଙ୍କ କହିବା ଅନୁଯାୟୀ, ଆତଙ୍କବାଦୀ ଘୋଷିତ ଏହି ୨୩ଜଣିଆ ତାଲିକାରେ ସାମିଲ ଥିବା ସମସ୍ତ ସନ୍ଦିଗ୍ଧ ଜୈଶ-ଏ-ମହମ୍ମଦ (ଜେଇଏମ୍), ଲସ୍କର-ଏ-ତୋଏବା (ଏଲ୍ଇଟି), ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍) ଏବଂ ଜମାତ-ଉଦ୍-ଦାୱା (ଜେୟୁଡି) ଭଳି ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ସହ ଜଡ଼ିତ ଥିବାର ଜେରା ସମୟରେ ଜଣାପଡିଛି। ଏମାନେ ଭାରତରେ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତି ଦେବା, ଭାରତ ମଧ୍ୟକୁ ଅନୁପ୍ରବେଶ କରିବା, ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ର ରଚିବା, ଆତଙ୍କବାଦ ପାଇଁ ପାଣ୍ଠି (ଟଙ୍କା) ଯୋଗାଡ଼ କରିବା, ଅସ୍ତ୍ରଶସ୍ତ୍ର ପହଞ୍ଚାଇବା ଏବଂ ଅନ୍ୟାନ୍ୟ ସହଯୋଗ କରିବା କାର୍ଯ୍ୟରେ ଲିପ୍ତ ରହିଆସିଛନ୍ତି। ତେବେ ଘୋଷିତ ହୋଇଥିବା ୨୩ ଜଣ ଆତଙ୍କବାଦୀଙ୍କ ମଧ୍ୟରୁ ୬ ଜଣ ଜମ୍ମୁ-କାଶ୍ମୀରର ମୂଳ ନିବାସୀ ହୋଇଥିବା ବେଳେ ବାକି ୧୭ ଜଣ ପାକିସ୍ତାନର ନାଗରିକ ଅଟନ୍ତି। ଏହି ୧୭ ଜଣଙ୍କ ମଧ୍ୟରୁ ୭ ଜଣ ପିଓକେ ଏବଂ ୧୦ ଜଣ ପାକିସ୍ତାନର ସ୍ଥାୟୀ ନାଗରିକ। ଘୋଷିତ ୨୩ ସନ୍ଦିଗ୍ଧ ଆତଙ୍କବାଦୀ ତାଲିକାରେ ୧-ମସୁଦ ଇଲିୟାସ କାଶ୍ମିରୀ ଓରଫ୍ ମୁଫତି ମସୁଦ ଇଲିୟାସ ଓରଫ୍ ମସୁଦ ଇଲିୟାସ ଓରଫ ଅବୁ ମହମ୍ମଦ ଓରଫ୍ ଏମ୍. ମସୁଦ ଇଲିୟାସ, ୨-ମହମ୍ମଦ ମୁସାଦିକ ଓରଫ ଡକ୍ଟର ଓରଫ ଅବ୍ଦୁଲ ମାନ୍ନାନ ଓରଫ ସଜ୍ଜାଦ ଓରଫ ହମଜା ଓରଫ ୱାହିଦ ଖାନ, ୩- ମୁଫତି ମହମ୍ମଦ ଅସଗର ଖାଁ ଓରଫ୍ ଅବୁ ସାଦ ଓରଫ ସାଦ ଜିମି, ୪- ହାଫିଜ ଅବ୍ଦୁଲ ଶକୁର ଓରଫ କାରି ଜରାର, ୫-ଅବ୍ଦୁଲ୍ଲା ଜିହାଦି ଓରଫ୍ ଶାହନୱାଜ ଓରଫ ଅଲ୍-ହିଜାମା, ୬- ଫିରଦୌସ ଆହମଦ ଭଟ୍, ୭-ଗୁଲାମ ଫରିଦ ଓରଫ ଗୁଲଶନ କୁମାର ଓରଫ୍ ଫରିଦ, ୮-ହାରୁନ ରଶିଦ ଗାନାଇ ଓରଫ ଶୁନୁ, ୯-ବିଲାଲ ଅହମଦ ମିର ଓରଫ୍ ଅହମଦ ଭାଇ, ୧୦- ଅବିଦ କୟୁମ ଲୋନ, ୧୧- ନଜିର ଆହମଦ ଗୁଜ୍ଜର ଓରଫ ଅବୁ ମନାଜିଲ, ୧୨- ଅବ୍ଦୁଲ ରୌଫ ଓରଫ ହାଫିଜ ଅବ୍ଦୁଲ ରୌଫ, ୧୩- ଅଶଫାକ ଆହମଦ ଓରଫ ଇଶଫାକ ଅହମଦ, ୧୪- ହାଫିଜ ଖାଲିଦ ୱାଲିଦ ଓରଫ ହାଫିଜ ଖାଲିଦ ନାଇକ ଓରଫ୍ ଖାଲିଦ ୱାଲିଦ, ୧୫- ମୌଲାନା ଇମଦାଦ ଉଲ୍ଲାହ ମକ୍କି ଓରଫ ମୌଲାନା ଇମଦାଦ ଓରଫ ଇମଦାଦ ଭାଇ ଓରଫ୍ ମୌଲାନା ଇମଦାଦୁଲ୍ଲାହ, ୧୬- ମୌଲାନା ସୈଫୁଲ୍ଲାହ ଖାଲିଦ ଓରଫ ୱାଲିଉଲ ଓରଫ ମହମ୍ମଦ ସଲିମ ଓରଫ୍ ୱାଜିଦ, ୧୭- ମହମ୍ମଦ ୟାକୁବ ଓରଫ ଅବୁ ସୁମାମା ଓରଫ ସମାମା ଇଲିୟାସ ଓରଫ ୱାରିସ ଅଲି, ୧୮- ମୌଲାନା ୟୁସୁଫ ତାଇବି ଓରଫ ମହମ୍ମଦ ୟୁସୁଫ, ୧୯- ଓୱୈସ ଫାରୁଜ ଓରଫ ଓୱୈସ ଅହମଦ ମିର ଓରଫ ଓୱୈସ ଫାରୁଜ ମିର, ୨୦- କାରି ୟାକୁବ ଶେଖ ଓରଫ କାରି ମହମ୍ମଦ ୟାକୁବ ଶେଖ ଓରଫ ୟାକୁବ ଶେଖ ଓରଫ କାରି ଶେଖ ମହମ୍ମଦ ୟାକୁବ ଓରଫ ମହମ୍ମଦ ୟାକୁବ, ୨୧- ରାଣା ଇଫତିଖାର ଓରଫ ରାଣା ୱାଲିଦ ଆତିଫ ଓରଫ ରାଣା ଇଫତିଖାର ହାଇଦର ଓରଫ୍ ରାଣା ଇଫ୍ତିଖାର ଆହମଦ ଓରଫ ହାଇଦର ଖାନ, ୨୨- ୱାସିମ ନୂର ଜାଟ ଓରଫ କାରି ୱାସିମ, ୨୩- ମହମ୍ମଦ ଶାହିଦ ଫୈସଲ ଓରଫ ଉସ୍ତାଦ ଓରଫ ମୁହାନ୍ଦିସ ଓରଫ ଜାକିର ରହିଛନ୍ତି।


## ଟେଲିଗ୍ରାମ୍‌କୁ କେନ୍ଦ୍ରର କଡ଼ା ନିର୍ଦ୍ଦେଶ: ୧୫ ଦିନରେ ହଟାଅ ପାଇରେଟେଡ୍ କଣ୍ଟେଣ୍ଟ

ନୂଆଦିଲ୍ଲୀ,(ଏଜେନ୍ସି):ଅନ୍ୟତମ ସୋସିଆଲ ପ୍ଲାଟଫର୍ମ 'ଟେଲିଗ୍ରାମ୍' ଏବେ ପୁଣି ଏକ ବିବାଦରେ। ଟେଲିଗ୍ରାମ୍ ବିରୋଧରେ ପାଇରେଟେଡ୍ (ଚୋରା) କଣ୍ଟେଣ୍ଟ୍, ଫିଲ୍ମ ତଥା ୱେବ୍‌ସିରିଜ୍‌ଗୁଡ଼ିକୁ ସାମିଲ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ କେନ୍ଦ୍ର ସରକାର ଟେଲିଗ୍ରାମ୍‌କୁ ଏହାର ପ୍ଲାଟଫର୍ମରୁ ଫିଲ୍ମ ଏବଂ ଓଟିଟି କଣ୍ଟେଣ୍ଟସବୁର ପାଇରେଟେଡ୍ ଭର୍ସନ ଯୋଗାଉଥିବା ଚ୍ୟାନେଲ ଓ ଗ୍ରୁପ୍‌ଗୁଡ଼ିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁତରାଂ ଏବେ ଆଉ ଟେଲିଗ୍ରାମ ଆପ୍‌ରେ ମାଗଣାରେ ପାଇରେଟେଡ୍ (ଚୋରା) ଫିଲ୍ମ କିମ୍ବା ୱେବ୍ ସିରିଜ୍ ମିଳିବ ନାହିଁ। ରିପୋର୍ଟ ଅନୁସାରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଜି କମ୍ପାନୀକୁ ନୋଟିସ୍ ପଠାଇଛି। ଏଥିରେ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଟେଲିଗ୍ରାମ ଆସନ୍ତା ୧୫ ଦିନ ମଧ୍ୟରେ ପାଇରେଟେଡ୍ କଣ୍ଟେଣ୍ଟ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଦାଖଲ କରୁ। ସରକାର କହିଛନ୍ତି ଯେ, ଟେଲିଗ୍ରାମ୍ କେବଳ ସରକାର କିମ୍ବା ଫିଲ୍ମ ନିର୍ମାତାମାନଙ୍କ ଅଭିଯୋଗକୁ ଅପେକ୍ଷା କରି ରହିପାରିବ ନାହିଁ। କେବଳ ଗୋଟିଏ ଗୋଟିଏ ଚ୍ୟାନେଲ୍‌କୁ ଡିଲିଟ୍ କରିବା ଯଥେଷ୍ଟ ନୁହେଁ, ବରଂ ଟେଲିଗ୍ରାମକୁ ନିଜ ଆଡୁ ଏମିତି ଏକ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଯାହା ଦ୍ୱାରା ଚୋରା କଣ୍ଟେଣ୍ଟ ଆପେ ଆପେ ଚିହ୍ନଟ ହୋଇ ହଟିଯିବ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଭାରତରେ କପିରାଇଟ୍ ଉଲ୍ଲଂଘନ କେବଳ ଏକ ସିଭିଲ୍ ମାମଲା ନୁହେଁ, ବରଂ କପିରାଇଟ୍ ଆକ୍ଟ, ୧୯୫୭ ଏବଂ ସିନେମାଟୋଗ୍ରାଫ୍ ଆକ୍ଟ, ୧୯୫୨ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ଯଦି ଟେଲିଗ୍ରାମ ଏହି ନିୟମ ସଠିକ୍ ଭାବେ ପାଳନ ନକରେ, ତେବେ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ସରକାର ପ୍ରାୟ ୩,୦୦୦ରୁ ଅଧିକ ପାଇରେଟେଡ୍ ଟେଲିଗ୍ରାମ ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛନ୍ତି। ଡିଜିଟାଲ୍ ପାଇରେସି ଯୋଗୁଁ ଭାରତର ଚଳଚ୍ଚିତ୍ର ଶିଳ୍ପ, ଓଟିଟି ପ୍ଲାଟଫର୍ମ, ପ୍ରଡ୍ୟୁସର ଏବଂ ଡିଷ୍ଟ୍ରିବ୍ୟୁଟରମାନଙ୍କର ବହୁତ ବଡ଼ ଆର୍ଥିକ କ୍ଷତି ହେଉଛି। ଏହି କ୍ଷତିକୁ ରୋକିବା ଏବଂ ଦେଶର କ୍ରିଏଟର୍ସ ଇକୋନୋମିକୁ ସୁରକ୍ଷା ଦେବା ପାଇଁ ସରକାର ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରକାଶ, ଆପ୍‌କୁ ୩ ଦିନ ମଧ୍ୟରେ ସରକାରଙ୍କଠାରୁ ଏହା ଦ୍ୱିତୀୟ ନୋଟିସ୍ ମିଳିଛି। ଏହାପୂର୍ବରୁ ଜୁଲାଇ ୨ରେ ଟେଲିଗ୍ରାମକୁ ଏକ ନୋଟିସ୍ ପଠାଯାଇଥିଲା, ଯେଉଁଥିରେ ଆଇଟି ମନ୍ତ୍ରଣାଳୟ ୟୁଜରନେମ୍ ଫିଚର ଏବଂ ୟୁଜର୍ସଙ୍କ ପ୍ରାଇଭେସି (ଗୋପନୀୟତା) ଉପରେ ଟେଲିଗ୍ରାମ୍‌କୁ ପ୍ରଶ୍ନ ପଚାରିଥିଲା।

ଜାତୀୟ ଚେତନା
JATIYA CHETANA



## ଓଡ଼ିଆ ସାହିତ୍ୟରେ ନୂଆ ଆଧ୍ୟାତ୍ମିକ ସୃଷ୍ଟି: ପ୍ରକାଶ ପାଇବ 'ହେ ଈଶ୍ୱର'




ଭୁବନେଶ୍ୱର,(ଜା.ପ୍ର): ଚାଲିଛି ମହାପ୍ରଭୁଙ୍କ ଲୀଳାଖେଳା, ଆଉ ସେହି ଲୀଳାକୁ ଅକ୍ଷର ରୂପ ଦେଇଛନ୍ତି ଯୁବ ଲେଖକ ଅମରନାଥ ବାରିକ୍। ତାଙ୍କ ଦ୍ୱାରା ଲିଖିତ ନୂଆ ଓଡ଼ିଆ ପୁସ୍ତକ 'ହେ ଈଶ୍ୱର' ଅତି ନିକଟରେ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହେବାକୁ ଯାଉଛି। ଏଥିରେ ଚଉବନଟି ଭକ୍ତି କବିତା ରହିଥିଲା ବେଳେ ସାରସ୍ୱତ ସାଧକ ଶ୍ରୀଯୁକ୍ତ ବିଶ୍ୱେଶ୍ୱର ମାଝୀ ଅଭିମତ ରଖିଛନ୍ତି। କବି ତାଙ୍କ ପିତାମାତାଙ୍କୁ ଏହି ପୁସ୍ତକଟି ଉତ୍ସର୍ଗ କରିଥିବାର ପ୍ରମାଣ ରହିଛି। ଏହି ପୁସ୍ତକଟି ମୁଖ୍ୟତଃ ଆଧ୍ୟାତ୍ମିକ ଚେତନା ଏବଂ ସାମ୍ପ୍ରତିକ ପାରିବାରିକ ଜୀବନର ଏକ ସୁନ୍ଦର ସମନ୍ୱୟ। ଜୀବନର ସୁଖ-ଦୁଃଖ ମଧ୍ୟରେ କେମିତି ଈଶ୍ୱର ବିଶ୍ୱାସ ମଣିଷକୁ ବାଟ ଦେଖାଏ, ତାହା ଏହି ବହିରେ ସରଳ ଭାଷାରେ ବର୍ଣ୍ଣନା କରାଯାଇଛି। ପୁସ୍ତକର ମୁଖ୍ୟ ପୃଷ୍ଠାରେ ଈଶ୍ୱରଙ୍କ ଫଟ ଏବଂ ପଛପଟେ ଲେଖକଙ୍କ ଫଟୋ ପାଠକମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିବ। ଆଜିର ବ୍ୟସ୍ତବହୁଳ ଜୀବନରେ ଏହିଭଳି ବହି ମଣିଷ ମନକୁ ଶାନ୍ତି ଦେବାରେ ସହାୟକ ହେବ। ଏବଂ ପୁସ୍ତକଟିର ବହୁଳ ପ୍ରସାର ଓ ସାରସ୍ୱତ ସଫଳତା କାମନା କରି ଆମେ ଲେଖକଙ୍କୁ ସାଧୁବାଦ ଜଣାଉଛୁ। ବହିର ନାମ 'ହେ ଈଶ୍ୱର' ଏବଂ ଏଥିରେ ଜଗନ୍ନାଥ ସଂସ୍କୃତି, ଭଗବାନଙ୍କ ପ୍ରତି ମଣିଷର ସମର୍ପଣ ଓ ଜୀବନର କିଛି ଆଧ୍ୟାତ୍ମିକ ଅନୁଭୂତି ସ୍ଥାନିତ ହୋଇଛି। ପ୍ରଚ୍ଛଦପଟର ସମ୍ମୁଖରେ ଈଶ୍ୱରଙ୍କର ଫଟୋ ରହିଛି। ଏହା ଦର୍ଶାଉଛି ଯେ ବହିଟି ପାରିବାରିକ ମୂଲ୍ୟବୋଧ, ସଂସାର ମଧ୍ୟରେ ରହି ଭଗବତ ବିଶ୍ୱାସ, ଏବଂ ମହାପ୍ରଭୁଙ୍କ କୃପାକୁ ନେଇ ଲେଖାଯାଇଛି। ଏହା ଓଡ଼ିଆ ସାହିତ୍ୟରେ ଏକ ଆବେଗପୂର୍ଣ୍ଣ ଏବଂ ଶ୍ରଦ୍ଧାପୂର୍ଣ୍ଣ ସୃଷ୍ଟି କରିବ।

# ଗାଁରୁ ସହର ଜଳମଗ୍ନ

ଭୁବନେଶ୍ୱର,(ଜା.ପ୍ର): ସାରା ରାଜ୍ୟରେ ବର୍ଷା ବିଘ୍ନାତ। ଲଘୁଚାପ ପ୍ରଭାବରେ ତିନି ଦିନର ଲଗାଣ ବର୍ଷାରେ ବେହାଲ ସାରା ରାଜ୍ୟ। କେଉଁଠି ଘରେ ପାଣି ପଶି ଜିନିଷପତ୍ର ବୁଡ଼ିଲାଣି ତ କେଉଁଠି ପାଣି ଘେରରେ ପୂରା ଅଞ୍ଚଳ। କେଉଁଠି କାର୍ ବୁଡ଼ିଛି, ଗଛ ଉପୁଡ଼ି ପଡ଼ିଛି ତ ଆଉ କେଉଁଠି ରାସ୍ତାରେ ଚାଲିଛି ଆଣ୍ଠୁଏ ଉଚ୍ଚର ପାଣି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଠପ୍ ହୋଇଯାଇଛି ସେବା। ତୁହାକୁ ତୁହା ବର୍ଷାରେ ଚାରିଆଡ଼େ ଖାଲି ପାଣି ଆଉ ପାଣି, ଜଳମଗ୍ନ ଗାଁରୁ ସହର। ଘର ଭିତରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି। ତାରି ଭିତରେ ଭାସୁଛି ଜିନିଷପତ୍ର।

ବଲାଙ୍ଗୀରରେ ପ୍ରଭାବ ଦେଖାଇଛି ଲଘୁଚାପ ବର୍ଷା। ଜିଲ୍ଲାର ପୁଇଁନ୍ତଲା ବ୍ଲକ୍ ଲୁହୁରେନପାଲିରେ ଭୁଶୁଡ଼ି ପଡ଼ିଛି ଝାଟିମାଟିର ଘର। ଯେଉଁଥିରେ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ସେହିପରି ଧୋଇଯାଇଛି ରାମୋଡ ଛକରୁ ରାଉତମୁଣ୍ଡା ଗାଁ ରାସ୍ତା ପୋଲ। ସେହିପରି ଖପ୍ରାଖୋଲ-କଣ୍ଟାବାଞ୍ଜି ରାସ୍ତାରେ ୩ ଫୁଟର ପାଣି ପ୍ରବାହିତ ହେବାରୁ ଠପ୍ ହୋଇଛି ଯାତାୟାତ। ପାଟଣାଗଡ଼ ଝଳିଆଲିଟିରେ ରେଲୱେ ଅଣ୍ଡର ପାସରେ କାର ବୁଡ଼ିଯାଇଥିବାବେଳେ ବହୁ କଷ୍ଟରେ କାର୍ ଭିତରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ସେପଟେ ଖୋର୍ଦ୍ଧା-ବଲାଙ୍ଗିର ରେଲୱେର ଆଡେଣିଗଡ଼ ୪ ନମ୍ବର ଟନେଲରେ ବର୍ଷା ଜଳ ପଶିଛି। ଫଳରେ ଗତକାଲିଠୁ ୪ ଜଣ ଶ୍ରମିକ ଫସିରହିଥିଲେ। ଆଜି ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଟନେଲ ନିର୍ମାଣ ଠପ୍ ହୋଇଛି।

ଅନ୍ୟପକ୍ଷରେ ଲଗାଣ ବର୍ଷାରେ ବୌଦ୍ଧ ସାଲୁଙ୍କି ନଦୀ ଫୁଲୁଥିବା ବେଳେ ଲକ୍ଷ୍ମୀପଦର ଅଞ୍ଚଳର ଦୁଇ ମହିଳା ପାଣି ଘେରରେ ଫସିଯାଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ୩-୪ ଘଣ୍ଟାର ପରିଶ୍ରମରେ ସୁରକ୍ଷିତ ଉଦ୍ଧାର ପାଇଥିଲା ଜୀବନ। ନୂଆପଡାର ରାୟପୁରରୁ ଗୋପାଳପୁର ସଂଯୋଗ କରୁଥିବା ଜାତୀୟ ରାଜପଥ ୩୫୩ର କୋମନା ରାସ୍ତାରେ ଲଗାତର ଚାଲିଛି ୨ ଫୁଟର ପାଣି। ସେହିପରି ଲଖନା ରେଲୱେ ଅଣ୍ଡରପାସରେ ୫ ଫୁଟର ପାଣି ଜମି ରହିଛି। ବିଶ୍ୱନାଥପୁର ଗାଁରେ ଥିବା ଏକ ଡ୍ୟାମ୍ ଭାଙ୍ଗି ଯାଇଥିବା ବେଳେ ନୂଆପଡ଼ା ବ୍ଲକର ସାରାବଙ୍ଗ ଆମାନାରା ନିର୍ମାଣାଧୀନ ବ୍ରିଜ ମଧ୍ୟ ପ୍ରଭାବିତ ହୋଇଛି।

କନ୍ଧମାଳରେ ଦୁଇ ଦିନର ନନଷ୍ଟପ୍ ବର୍ଷାରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ିବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଗଛ ଉପୁଡି ପଡି ୫୯ ନମ୍ବର ଜାତୀୟ ରାଜପଥ ବାଲିଗୁଡା-ତୁମୁଡିବନ୍ଧ ରାସ୍ତା ଅବରୋଧ ହୋଇଛି। ସେପଟେ ନଦୀଖଣ୍ଡିସାହିରୁ ଡାକପାଲାକୁ ସଂଯୋଗ କରୁଥିବା ବ୍ରିଜ ଉପରେ ପ୍ରବାହିତ ହୋଇଛି ଦୁଇ ଫୁଟ ଉଚ୍ଚର ପାଣି। ଫୁଲିଛି ବାଘ ନଦୀ। କୋରାପୁଟରେ ବି ପ୍ରଭାବ ଦେଖାଇଛି ଲଘୁଚାପ ବର୍ଷା। ଜିଲ୍ଲାର ନାରାୟଣପାଟଣାରେ ଜଣେ ମହିଳା ନଦୀ ସ୍ରୋତରେ ଭାସି ଯାଇ ନିଖୋଜ ଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ବଡ ବଡ ଗଛ ଉପୁଡ଼ି ପଡ଼ିଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସେପଟେ କେନ୍ଦ୍ରାପଡ଼ା ପୌରାଞ୍ଚଳର ତଳି ଅଞ୍ଚଳରେ ଲହଡ଼ି ଭାଙ୍ଗୁଛି ବର୍ଷା ଜଳ। ସହରର ତିନିମୁହାଣୀ ଠାରେ ବିଭିନ୍ନ ଅଫିସ ଜଳବନ୍ଦୀ ଥିବା ବେଳେ କଜଳା ଆଦିବାସୀ ବସ୍ତିକୁ ବନ୍ଦ ହୋଇଛି ରାସ୍ତା। ପିପିଲିରେ ସେତୁ ଉଦଘାଟନ ପୂର୍ବରୁ ଭୁଶୁଡ଼ି ପଡିଛି ୱାଲ୍ ବନ୍ଧ। ୬ କୋଟି ଟଙ୍କା ଖର୍ଚ୍ଚରେ କରାଯାଇଥିବା ଡେଲାଙ୍ଗ ଡାକପଡା ଲୁଣା ସେତୁର ପଥର ୱାଲ ଓ ପିଚୁ ରାସ୍ତା ଭାଙ୍ଗି ପଡିଛି। ସେପଟେ ଗଞ୍ଜାମ ଦିଗପହଣ୍ଡିରେ ଉପର ମୁଣ୍ଡରେ ବର୍ଷା ଲାଗି ରହିବାରୁ ବଢୁଛି ଘୋଡାହାଡ ଡ୍ୟାମ୍ ଜଳ ସ୍ତର। ଫଳରେ ତଳିଆ ଅଞ୍ଚଳର ଲୋକଙ୍କୁ ସଚେତନ କରାଯାଇଛି।

## ମହୁଚାଷ ସମ୍ପର୍କିତ ପୁସ୍ତକ ଉନ୍ମୋଚନ




ଢେଙ୍କାନାଳ,(ଜା.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତଙ୍କ ଦ୍ୱାରା ଲିଖିତ ମହୁଚାଷ ସମ୍ପର୍କିତ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ସଭାଗୃହରେ ମୁଖ୍ୟ ଅତିଥି ଭାବେ ସିଟିଟିସିର ସିନିଅର ମ୍ୟାନେଜର (ଆଡମିନ୍ ଏବଂ ଆକାଉଣ୍ଟସ) ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଟ୍ରେନିଂ ଡିଜାଇନ୍ ସିନିଅର ମ୍ୟାନେଜର ଡ. କେ.ଏମ୍. ରଞ୍ଜନ, ଟ୍ରେନିଂ ଡିଜାଇନ୍ ସିନିଅର ଇଞ୍ଜିନିୟର ବିଶ୍ୱରଞ୍ଜନ ସାହୁ, ଡିଜାଇନ୍ ଆଡମିନ୍ ସୁଧାଂଶୁ କ୍ରିତିରଞ୍ଜନ ସାଇଁ ଓ ଡିଜାଇନ୍ କନସଲଟାଣ୍ଟ ଅକ୍ଷୟ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଏହି ପୁସ୍ତକ ଉନ୍ମୋଚନ କରିବା ସହ ଲେଖକଙ୍କୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଶେଷଦେବ ରାଉତ ସୂଚନା ପ୍ରଦାନ କରିଥିଲେ ଯେ, ସେ ୪୦୦୦ ପୁସ୍ତକ ପ୍ରିଣ୍ଟ କରିଛନ୍ତି। ଆଗାମୀ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଏବଂ ଚାକିରି ପଛରେ ଦୌଡ଼ି ନିରାଶ ହେଉଥିବା ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦେବା ସହ ପୁସ୍ତକ ପ୍ରଦାନ କରାଯିବ; ଯଦ୍ୱାରା ସେମାନେ ମହୁମାଛି ପାଳନ ଓ ମହୁଚାଷ କରି ରୋଜଗାରକ୍ଷମ ହୋଇପାରିବେ। 'ନ୍ୟୁ ଇଣ୍ଡିଆ' ଦ୍ୱାରା ଗଠିତ 'ସାଇ ହନି ବି କିପିଙ୍ଗ ପ୍ରୋସେସିଙ୍ଗ କ୍ଲଷ୍ଟର'ର ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଟ୍ରେନିଂ ମାଧ୍ୟମରେ ମହୁଚାଷ କରି କିପରି ସ୍ୱାବଲମ୍ବୀ କରାଯାଇପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ବହିରେ ମହୁଚାଷ କ'ଣ, ମହୁଚାଷର ଆବଶ୍ୟକତା, ମହୁମାଛି ପାଳନ ସମୟରେ ସାବଧାନତା, ମହୁମାଛିର ପ୍ରକାର, ମହୁର ଔଷଧୀୟ ଗୁଣ, ମହୁବାକ୍ସର ବ୍ୟବହାର, ମହୁଚାଷ ଦ୍ୱାରା ୧୦% ରୁ ୧୫% ଫସଲ ଅମଳ ବୃଦ୍ଧି, ମହୁଚାଷର ସମୟ ଏବଂ ଏହା କିପରି ଆତ୍ମନିଯୁକ୍ତି ସୃଷ୍ଟି କରିପାରିବ ଆଦି ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଏପରିକି ସଚେତନତା ମାଧ୍ୟମରେ ଉକ୍ତ ପୁସ୍ତକରେ ଲିଖିତ ଅଛି ଯେ, ଫୁଲରୁ ମହୁ ସଂଗ୍ରହ କରୁଥିବା ମହୁମାଛି ଭଳି ଜଣେ ଭଲ ବ୍ୟକ୍ତି ସବୁ ସ୍ଥାନରୁ କେବଳ ଭଲ ଗୁଣ ହିଁ ଆହରଣ କରିଥାଏ।

## ଗଣିତରେ ପିଏଚ୍‌ଡି ହାସଲ କଲେ ପ୍ରଫେସର ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକ



କପ୍ତିପଦା,(ଜା.ପ୍ର): କପ୍ତିପଦାସ୍ଥିତ ନୂଆସାହି କଲେଜର ଗଣିତ ବିଭାଗର ଅଧ୍ୟାପକ ପ୍ରଫେସର ଡ. ଅମରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଇନ୍ଦୋରସ୍ଥିତ ଡ. ଏ.ପି.ଜେ. ଅବଦୁଲ କଲାମ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଣିତ ବିଷୟରେ ସମ୍ମାନଜନକ ପିଏଚ୍‌ଡି ଉପାଧି ପ୍ରଦାନ କରାଯାଇଛି। ତାଙ୍କର ଏହି ସଫଳତା ଶିକ୍ଷାଜଗତ ସହ ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ସୃଷ୍ଟି କରିଛି।

ଡ. ପଟ୍ଟନାୟକ 'Nilpotent Subgroups of Classical Groups over Commutative Rings' (ବିନିମୟଶୀଳ ରିଙ୍ଗ ଉପରେ ସଂଜ୍ଞାପିତ କ୍ଲାସିକାଲ୍ ଗ୍ରୁପ୍‌ମାନଙ୍କର ନିଲପୋଟେଣ୍ଟ ଉପଗ୍ରୁପଗୁଡ଼ିକ) ଶୀର୍ଷକ ଗବେଷଣା ବିଷୟ ଉପରେ ସଫଳ ଅନୁସନ୍ଧାନ କରି ଏହି ଉଚ୍ଚ ଶିକ୍ଷାଗତ ସଫଳତା ଅର୍ଜନ କରିଛନ୍ତି। ତାଙ୍କର ଏହି ଗବେଷଣା ସ୍ୱାମୀ ବିବେକାନନ୍ଦ ପି.ଜି. କଲେଜ, ନରସିଂହପୁରର ପ୍ରଫେସର ଡ. ଅନିମେଶ କୁମାର ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।

ତାଙ୍କର ଗବେଷଣା ସନ୍ଦର୍ଭ (Thesis) ଭାଭା ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଶ୍ୟାମ ପାଟକରଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଛି, ଯାହା ତାଙ୍କର ଗବେଷଣାର ମାନ ଓ ମୌଳିକତାର ପ୍ରମାଣ ବହନ କରେ। ଡ. ପଟ୍ଟନାୟକ ନିଜର ଏହି ସଫଳତାର ଶ୍ରେୟ ଭଗବାନ ଶ୍ରୀ ଗୋପାଳଜୀଙ୍କ ଆଶୀର୍ବାଦକୁ ଅର୍ପଣ କରିବା ସହ ପିତା ଶ୍ରୀ ପୀତାମ୍ବର ପଟ୍ଟନାୟକ, ମାତା ଶ୍ରୀମତୀ କୁମୁଦିନୀ ପଟ୍ଟନାୟକ ଏବଂ ସମଗ୍ର ପରିବାରର ନିରନ୍ତର ପ୍ରେରଣା ଓ ସହଯୋଗ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଡ. ପଟ୍ଟନାୟକ ଜେଇଇ ପରୀକ୍ଷାର୍ଥୀମାନଙ୍କ ପାଇଁ ରଚିତ 'Foundation of Mathematics' ପୁସ୍ତକର ଲେଖକ ଭାବେ ସାରା ଦେଶର ଛାତ୍ରଛାତ୍ରୀଙ୍କ ନିକଟରେ ପରିଚିତ। ତାଙ୍କର ଏହି ପୁସ୍ତକ ଗଣିତ ଶିକ୍ଷା କ୍ଷେତ୍ରରେ ବିଶେଷ ଲୋକପ୍ରିୟତା ହାସଲ କରିଛି।

ଡ. ପଟ୍ଟନାୟକଙ୍କ ଏହି ଗୌରବମୟ କୃତିତ୍ୱ ପାଇଁ ଆଇ.ଟି.ଏସ୍.ର ଚେୟାରମ୍ୟାନ୍ ଶ୍ରୀ ତପନ ବିହାରୀ ଭଞ୍ଜ ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଗବେଷଣା ଏବଂ ଶିକ୍ଷା କ୍ଷେତ୍ରରେ ଆହୁରି ଅନେକ ସଫଳତା ଅର୍ଜନ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ଜାତୀୟ ଚେତନା
JATIYA CHETANA

# ଗାଜାର 'ହଲୋକଷ୍ଟ ୨.୦'

ଜାତିସଂଘ ଦ୍ୱାରା ପ୍ରାୟୋଜିତ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୁରଲୀଧରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ 'ଇଣ୍ଟରନେସନାଲ କମିସନ ଅଫ ଇନକ୍ୱାରି' ବା 'ଅନ୍ତର୍ଜାତୀୟ ଅନୁସନ୍ଧାନ କମିସନ' ଦ୍ୱାରା ପ୍ରସ୍ତୁତ ଗାଜା ନରସଂହାର ସମ୍ବନ୍ଧିତ ଶହେ ପୃଷ୍ଠାର ରିପୋର୍ଟ ସମଗ୍ର ପୃଥିବୀର ବିବେକକୁ ଗଭୀର ଭାବେ ଦୋହଲାଇ ଦେଇଛି। ୨୦୨୩ ଅକ୍ଟୋବର ୭ ତାରିଖରୁ ୨୦୨୦ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଦୁଇ ବର୍ଷର କାଳଖଣ୍ଡ ମଧ୍ୟରେ ଗାଜା ପଟିରେ ରହୁଥିବା ଶିଶୁ ଓ ନାବାଳକ-ନାବାଳିକାମାନେ ଇସ୍ରାଏଲୀ ସେନାବାହିନୀ ହାତରେ କିଭଳି ହୃଦୟବିଦାରକ ଓ ଅମାନୁଷିକ ଦଶା ଭୋଗିଛନ୍ତି, ତାହାର ଏକ ବିଶଦ ଓ କରୁଣ ଦସ୍ତାବେଜ ହେଉଛି 'ବିଧ୍ୱସ୍ତ ଶୈଶବ' ଶୀର୍ଷକ ଏହି ରିପୋର୍ଟ ଜାମ୍ବିଆର ପ୍ରସିଦ୍ଧ ଆଇନବିତ୍ ଫ୍ଲୋରେନ୍ସ ମୁମ୍ବା ଏବଂ ଅଷ୍ଟ୍ରେଲିଆର ପୂର୍ବତନ ମାନବିକ ଅଧିକାର କମିସନର କ୍ରିସ ସିଡୋଟିଙ୍କ ସାହଚର୍ଯ୍ୟରେ ଜଷ୍ଟିସ ମୁରଲୀଧର ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ପ୍ରତିଫଳିତ ହୋଇଛି କିଭଳି ଏକବିଂଶ ଶତାବ୍ଦୀରେ ମଧ୍ୟ ମନୁଷ୍ୟର ବର୍ବରତା ସମସ୍ତ ସୀମା ଲଂଘନ କରିଯାଇପାରେ। ଏହି ରିପୋର୍ଟ ଅନୁସାରେ, ଗାଜା ଅଞ୍ଚଳକୁ ସୁବ୍ୟବସ୍ଥିତ ଭାବେ ଚୂର୍ଣ୍ଣୀଭୂତ କରାଯିବା ସହ 'ମୂଳୁ ମାଇଲେ ଯିବ ସରି' ଭଳି କ୍ରୁର ଯୁକ୍ତି ଦ୍ୱାରା ପରିଚାଳିତ ହୋଇ ଇସ୍ରାଏଲୀ ସେନା ପ୍ରାୟ ୨୦ ହଜାର ଶିଶୁଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ଏବଂ ପ୍ରାୟ ୪୪ ହଜାର ଶିଶୁ ଏଥିରେ ଆହତ ଓ ବିକଳାଙ୍ଗ ହୋଇଛନ୍ତି। କେବଳ ସେତିକି ନୁହେଁ, ଗାଜାର ୯୭% ସ୍କୁଲ, ସମସ୍ତ ଛଅଟି ଯାକ ଶିଶୁ ଚିକିତ୍ସାଳୟ ଓ ସଦ୍ୟଜାତ ଶିଶୁଙ୍କ ଯତ୍ନ କେନ୍ଦ୍ର ସଂପୂର୍ଣ୍ଣ ବିଧ୍ୱସ୍ତ କରାଯାଇଛି ଏବଂ ଖାଦ୍ୟ, ଜଳ ଓ ଔଷଧ ପରିବହନକୁ ସଂପୂର୍ଣ୍ଣ ଅବରୋଧ କରାଯିବା ଫଳରେ ୧୫୦ ଜଣ ଶିଶୁ ଅନାହାରରେ ମୃତ୍ୟୁବରଣ କରିଛନ୍ତି। ସବୁଠାରୁ ବିଚଳିତକର ବିଷୟ ହେଉଛି, ଥର୍ମାଲ ଇମେଜିଂ କ୍ୟାମେରା ଓ କ୍ୱାଡ୍ରା-କପ୍ଟର ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ବଳରେ ଶିଶୁମାନଙ୍କୁ ଠାବ କରି 'ସ୍ନାଇପର ଫାୟାରିଂ' ଦ୍ୱାରା ହତ୍ୟା କରିବା ଭଳି କାର୍ଯ୍ୟକୁ ଇସ୍ରାଏଲୀ ସେନା 'ଟାର୍ଗେଟ ସୁଟିଂ'ର ଏକ ମଉଜିଆ ଖେଳରେ ପରିଣତ କରିଥିଲେ, ଯେଉଁଥିରେ ମା' ଠାରୁ ସ୍ତନ୍ୟପାନ କରୁଥିବା ଦଶଦିନିଆ ଶିଶୁ ମଧ୍ୟ ବୁଲେଟ୍‌ର ଶିକାର ହୋଇଛି। ଯଦିଓ ଇସ୍ରାଏଲ ପକ୍ଷରୁ ଏକ ୧୮ ପୃଷ୍ଠାର ପତ୍ର ଜରିଆରେ ଏହି ରିପୋର୍ଟକୁ ଅଗ୍ରାହ୍ୟ କରାଯାଇଛି, ତଥାପି ଏହି ଘୃଣ୍ୟ କାର୍ଯ୍ୟର ଅନେକ ତଥ୍ୟ ଓ ଭିଡିଓ ସ୍ୱୟଂ ଗର୍ବିତ ଇସ୍ରାଏଲୀ ସୈନିକମାନେ ହିଁ ସାମାଜିକ ଗଣମାଧ୍ୟମରେ ଅପଲୋଡ କରିଛନ୍ତି। ଇସ୍ରାଏଲର ଉଗ୍ର ଦକ୍ଷିଣପନ୍ଥୀ ନେତା ମୋସେ ଫ୍ରାଗଲିନଙ୍କ ଭଳି ନେତାମାନେ ଗଣମାଧ୍ୟମରେ ଖୋଲାଖୋଲି କହିଛନ୍ତି ଯେ ଗାଜାର ପ୍ରତ୍ୟେକ ଶିଶୁ ସେମାନଙ୍କର ଶତ୍ରୁ ଏବଂ ସେଠାରେ ଜଣେ ହେଲେ ପାଲେଷ୍ଟିନୀୟ ଶିଶୁକୁ ଜୀବିତ ଛଡ଼ାଯିବ ନାହିଁ; ଯାହା ପ୍ରକାରାନ୍ତରେ ବେଞ୍ଜାମିନ ନେତାନ୍ୟାହୁଙ୍କ ସମେତ ସେଠାକାର ଅନେକ ଯୁଦ୍ଧଖୋର ରାଜନେତାଙ୍କ ମାନସିକତାକୁ ସ୍ପଷ୍ଟ କରୁଛି। ବାଇବଲରେ ବର୍ଣ୍ଣିତ ନିଷ୍ଠୁର ଇହୁଦୀ ରାଜା ହେରୋଡ ନିଜକୁ ନିଷ୍କଣ୍ଟକ ରଖିବା ପାଇଁ ବେଥେଲହାମର ସମସ୍ତ ଶିଶୁଙ୍କୁ ନିପାତ କରିବା ଭଳି ହିଁ ଆଜି ଗାଜାରେ ଏକ ବର୍ବର ପୁନରାଭିନୟ ଦେଖିବାକୁ ମିଳୁଛି। ଏହି ସମଗ୍ର ଘଟଣାକ୍ରମରେ ଦୁଇଟି ବଡ଼ ବିଡ଼ମ୍ବନା ନିହିତ ଅଛି; ପ୍ରଥମଟି ହେଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟଲର ଦ୍ୱାରା ରଚିତ 'ହଲୋକଷ୍ଟ'ର ନିଷ୍ଠୁର ଶିକାର ହୋଇଥିବା ସେହି ଇହୁଦୀ ପରିବାରର ଜଣେ ବଂଶଜ ହିଁ ଆଜି ଗାଜାରେ ଘଟୁଥିବା ଏହି 'ହଲୋକଷ୍ଟ ୨.୦'ର ମୁଖ୍ୟ ସଂରଚକ ସାଜିଛନ୍ତି ଏବଂ ଦ୍ୱିତୀୟ ବିଡ଼ମ୍ବନାଟି ହେଉଛି, ଗୋପନରେ ଘଟିଥିବା 'ପ୍ରଥମ ହଲୋକଷ୍ଟ' ବିଷୟ ଉନ୍ମୋଚିତ ହେବା ପରେ ସମଗ୍ର ପୃଥିବୀ ସ୍ତବ୍‌ଧ, ସମାନୁଭୂତିଶୀଳ ଓ ପ୍ରତିବାଦମୁଖର ହୋଇଉଠିଥିବା ବେଳେ, ସଂପ୍ରତି ସମସ୍ତଙ୍କ ସମକ୍ଷରେ ଏବଂ ସାମାଜିକ ଗଣମାଧ୍ୟମର ସିଧାପ୍ରସାରଣରେ ସଂଘଟିତ ହେଉଥିବା ଏହି 'ହଲୋକଷ୍ଟ ୨.୦' ନେଇ ଆଧୁନିକ ପୃଥିବୀ ଏବଂ ଉଦାରବାଦ ଓ ଗଣତନ୍ତ୍ରର ତଥାକଥିତ ପୃଷ୍ଠପୋଷକମାନେ ପ୍ରାୟତଃ ନିରବ, ଉଦାସୀନ ଓ ଆନମନା ହୋଇ ରହିଛନ୍ତି। ବିଶ୍ୱର ଏହି ଚାପଲ୍ୟ ଓ ନିରବତା ମାନବ ସଭ୍ୟତା ପ୍ରତି ଏକ କଳଙ୍କିତ ଅଧ୍ୟାୟ ସଦୃଶ।

ଏହି ନିରବତା କେବଳ ସାଂପ୍ରତିକ ବିଶ୍ୱ ରାଜନୀତିର ଦୋଗୁଲା ନୀତିକୁ ପଦାରେ ପକାଉନାହିଁ, ବରଂ ଆନ୍ତର୍ଜାତୀୟ ମାନବିକ ଅଧିକାର ସଂଗଠନଗୁଡ଼ିକର ଅକ୍ଷମତା ଓ ଅସହାୟତାକୁ ମଧ୍ୟ ପ୍ରମାଣିତ କରୁଛି। ଯେଉଁ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ବିଶ୍ୱର କୋଣ ଅନୁକୋଣରେ ଗଣତନ୍ତ୍ର ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ରକ୍ଷା କରିବାକୁ ଡିଣ୍ଡିମ ପିଟନ୍ତି, ସେମାନେ ଆଜି ଗାଜାର ଶିଶୁମାନଙ୍କର ଚିତ୍କାର ଶୁଣି ନଶୁଣିଲା ଭଳି ଅଭିନୟ କରୁଛନ୍ତି। ରାଜନୈତିକ ସ୍ୱାର୍ଥ ଏବଂ ଭୂ-ରାଜନୈତିକ ସମୀକରଣ ଯେ ସଭ୍ୟ ମାନବତାର ସର୍ବୋଚ୍ଚ ମୂଲ୍ୟବୋଧଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସାଜିଛି, ତାହା ଏହି ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଅତୀତର ଭୁଲ୍ ଏବଂ ଯାତନାରୁ ଶିକ୍ଷା ଲାଭ କରିବା ପରିବର୍ତ୍ତେ, ପ୍ରତିଶୋଧର ନିଆଁରେ ନିରୀହ ଶୈଶବକୁ ଆହୁତି ଦେବା କୌଣସି ବି ସଭ୍ୟ ରାଷ୍ଟ୍ରର ଆଭିମୁଖ୍ୟ ହେବା ଉଚିତ ନୁହେଁ। ଯଦି ଆଜି ମଧ୍ୟ ବିଶ୍ୱ ସମୁଦାୟ ଏହି ନରସଂହାର ବିରୋଧରେ ଏକଜୁଟ୍ ହୋଇ ଦୃଢ଼ ପଦକ୍ଷେପ ନ ନିଏ, ତେବେ ଇତିହାସ କେବେହେଲେ ଆମକୁ କ୍ଷମା କରିବ ନାହିଁ। ଜଷ୍ଟିସ ମୁରଲୀଧରଙ୍କ ଏହି ସତ୍ୟନିଷ୍ଠ ଦସ୍ତାବେଜ କେବଳ ଏକ ରିପୋର୍ଟ ନୁହେଁ, ବରଂ ଏହା ଆଧୁନିକ ମାନବ ସଭ୍ୟତାର ଶୋଇପଡ଼ିଥିବା ବିବେକ ପ୍ରତି ଏକ ପ୍ରଚଣ୍ଡ ଶକ୍ତ ଚାପୁଡ଼ା। ସୁତରାଂ, ପୃଥିବୀ ନିଜର ଉଦାସୀନତା ପରିହାର କରି ଗାଜାର ଶିଶୁମାନଙ୍କର ସୁରକ୍ଷା ନିଶ୍ଚିତ କରିବା ସହ ଏହି 'ହଲୋକଷ୍ଟ ୨.୦'ର ଅନ୍ତ ଘଟାଇବା ଏକାନ୍ତ ଜରୁରୀ।

# ପାକିସ୍ତାନର ଛଳନା ଓ ଭାରତର ରାଷ୍ଟ୍ରୀୟ ସ୍ୱାର୍ଥ

ଶୁଭ୍ରାଂଶ ଶେଖର ପ୍ରଧାନ

୧୯୬୦ ମସିହାରେ ସ୍ୱାକ୍ଷରିତ ହୋଇଥିବା ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତିକୁ ନେଇ ସାଂପ୍ରତିକ ସମୟରେ ଭାରତର ଦୃଷ୍ଟିଭଙ୍ଗୀରେ ଏକ ବଡ଼ ଧରଣର ବୈପ୍ଳବିକ ପରିବର୍ତ୍ତନ ଘଟିଛି। ଗତ କିଛି ଦିନ ଧରି ଏହି ପରିବର୍ତ୍ତନକୁ ସହଜରେ ଗ୍ରହଣ କରିପାରୁ ନଥିବା ପାକିସ୍ତାନ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ଭାରତକୁ ପରମାଣୁ ଆକ୍ରମଣ ଭଳି ହାସ୍ୟାସ୍ପଦ ଧମକ ଦେବାରେ ଲାଗିଛି। ସୀମାପାର ଆତଙ୍କବାଦ ଏବଂ ବିଶେଷ କରି ଜଘନ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଏହି ଚୁକ୍ତିକୁ ଅସ୍ୱୀକାର କରି ସ୍ଥଗିତ ରଖିବା ନେଇ ସ୍ପଷ୍ଟ ସଂକେତ ଦେଇସାରିଛି। ଭାରତ ସ୍ପଷ୍ଟ କରିଛି ଯେ ଚୁକ୍ତିରେ ନିହିତ ସର୍ତ୍ତଗୁଡ଼ିକୁ ଏକପାଖିଆ ଭାବେ ମାନିବାକୁ ଭାରତ ଆଉ ଦାୟବଦ୍ଧ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେହି ଐତିହାସିକ ଉକ୍ତି 'ଜଳ ଏବଂ ରକ୍ତ ଏକା ସାଙ୍ଗରେ ପ୍ରବାହିତ ହେବା ସମ୍ଭବ ନୁହେଁ' ଆଜି ପାକିସ୍ତାନର ଆତଙ୍କବାଦୀ ପ୍ରତିପୋଷଣ ନୀତି ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ଦର୍ଶାଉଛି। କେବଳ ସିନ୍ଧୁ ଏବଂ ତା'ର ଦୁଇ ଶାଖା ନଦୀ ଝେଲମ ଓ ଚେନାବ ଦ୍ୱାରା ଶୁଷ୍କ ପାକିସ୍ତାନ ଆର୍ଦ୍ର ଓ ଶୀତଳ ହୋଇଥାଏ। ମାତ୍ର ପାକିସ୍ତାନ ନିଜକୁ ସର୍ବଦା ପ୍ରକୃତି ଓ ପରିସ୍ଥିତି ଦ୍ୱାରା ପୀଡ଼ିତ ଏକ ରାଷ୍ଟ୍ର ରୂପେ ବିଶ୍ୱ ଦରବାରରେ ଉପସ୍ଥାପିତ କରି ଅନ୍ତର୍ଜାତୀୟ ସହାନୁଭୂତି ଲାଭ କରିବାକୁ ଚତୁରତାର ସହ ଚେଷ୍ଟା କରିଆସିଛି। ଭାରତର ଯେକୌଣସି ଆପତ୍ତି ବା ପଦକ୍ଷେପକୁ ମାନବତା ବିରୋଧୀ ବୋଲି ଅଭିହିତ କରିବାକୁ ପାକିସ୍ତାନ କେବେହେଲେ ପଶ୍ଚାତ୍ ?ପଦ ହୁଏନାହିଁ, କିନ୍ତୁ ଏହି ସମଗ୍ର ପ୍ରକରଣରେ ଥିବା ସୂକ୍ଷ୍ମ ବାସ୍ତବତା ଓ ପାକିସ୍ତାନର ପ୍ରକୃତ ଚରିତ୍ରକୁ ବୁଝିବା ପାଇଁ ଏକ ଗଭୀର ସ୍ତରଭେଦୀ ଦୃଷ୍ଟିର ଆବଶ୍ୟକତା ରହିଛି।

ଜନସଂଖ୍ୟା ବୃଦ୍ଧି, ତଜ୍ଜନିତ ଜଳ ଚାହିଦା, ଜଳ ବ୍ୟବହାରର ଧାରାରେ ପରିବର୍ତ୍ତନ ଏବଂ ସାଂପ୍ରତିକ ଜଳବାୟୁ ସଂକଟ କାରଣରୁ ପୃଥିବୀର ଯେକୌଣସି ନଦୀ ଜଳ ବଣ୍ଟନ ଚୁକ୍ତି ସମୟାନୁସାରେ ସଂସ୍କାର ଓ ସଂଶୋଧନ ଲୋଡ଼ିଥାଏ। ସେଥିପାଇଁ ବିଶ୍ୱର ପ୍ରାୟ ସମସ୍ତ ନଦୀ ଚୁକ୍ତି ସମୟାନୁବଦ୍ଧ ହୋଇଥାଏ, ଯେପରି ଭାରତ ଓ ବାଂଲାଦେଶ ମଧ୍ୟରେ ସ୍ୱାକ୍ଷରିତ ଗଙ୍ଗା ନଦୀ ଚୁକ୍ତିର ଅବଧି ୩୦ ବର୍ଷ ରହିଥିଲା ଏବଂ ତାହା ଚଳିତ ବର୍ଷ ହିଁ ସଂପୂର୍ଣ୍ଣ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଯଦିଓ ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତିରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମାର ଉଲ୍ଲେଖ ନାହିଁ, ତଥାପି ଏହାକୁ ଏକ ଚିରନ୍ତନ ଏବଂ ନିଜର ଜନ୍ମଜାତ ଅଧିକାର ଭାବିନେବା ପାକିସ୍ତାନର ଧୃଷ୍ଟତା ଓ ସାଧାରଣ ଜ୍ଞାନର ଅଭାବ ବ୍ୟତୀତ ଆଉ କିଛି ନୁହେଁ। ତିବ୍ବତରୁ ଉତ୍ପନ୍ନ ହୋଇ ହିମାଳୟ ଦେଇ ପ୍ରବାହିତ ହେଉଥିବା ଏହି ସିନ୍ଧୁ ନଦୀର ଗତିପଥ ଏହାକୁ ଏକ ଅତ୍ୟନ୍ତ ଜଟିଳ ନଦୀ ବ୍ୟବସ୍ଥା ବା 'ରିଭର ସିଷ୍ଟମ'ରେ ପରିଣତ କରିଥାଏ, ଯାହା ପୃଥିବୀର ଅନ୍ୟତମ ବୃହତ୍ତମ ନଦୀ ଅବବାହିକା ଅଟେ। ସ୍ୱାଧୀନତା ପରେ ଏହି ଜଟିଳ ବ୍ୟବସ୍ଥାକୁ ଆକଳନ କରିବା ପାଇଁ ଭାରତୀୟ ବିଶେଷଜ୍ଞ ଓ ଯନ୍ତ୍ରୀମାନଙ୍କୁ ୧୯୪୮ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ ଦୀର୍ଘ ଚାରି ବର୍ଷ ସମୟ ଲାଗିଥିଲା ଏବଂ ଏହାର ଭାଗ ବଣ୍ଟରା ପାଇଁ ଚାଲିଥିବା ମୂଳଚାଲରେ ଆହୁରି ଆଠ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା। ତତ୍କାଳୀନ ଭାରତୀୟ ଇଂଜିନିଅର୍ ଓ ବିଶେଷଜ୍ଞମାନଙ୍କର ସ୍ପଷ୍ଟ ଦାବି ଥିଲା ଯେ ସିନ୍ଧୁ ଓ ତା'ର ପାଞ୍ଚ ଶାଖା ନଦୀର ଜଳରାଶିର ସଂଖ୍ୟାଧିକ ଅଂଶ ଭାରତୀୟ କୃଷକମାନଙ୍କ ହିତାର୍ଥେ ବ୍ୟବହୃତ ହେବା ଉଚିତ। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମତାଦର୍ଶରେ ବଦାନ୍ୟତା ଓ ତ୍ୟାଗକୁ ଅଧିକ ମହତ୍ତ୍ୱ ଦିଆଯିବା ଫଳରେ ଜଳକ୍ଲିଷ୍ଟ ପାକିସ୍ତାନ ସକାଶେ ସିନ୍ଧୁ, ଝେଲମ ଓ ଚେନାବ ନଦୀର ଉପଲବ୍ଧତା ସହଜ ହୋଇଗଲା ଏବଂ ଭାରତକୁ ମିଳିଲା କେବଳ ରବି, ବ୍ୟାସ ଓ ଶତଦ୍ରୁ ନଦୀ ଉପରେ ଅଧିକାର। ଜଳରାଶିର ପରିମାଣ ଦୃଷ୍ଟିରୁ ଦେଖିଲେ ପାକିସ୍ତାନକୁ ଭାଗରେ ୧୩୫ ନିୟୁତ ଏକର ଫୁଟ ଜଳ ମିଳିଥିବା ବେଳେ ଭାରତକୁ ମିଳିଥିଲା ତା'ର ପ୍ରାୟ ଏକ-ଚତୁର୍ଥାଂଶ, ଅର୍ଥାତ୍ ? ମାତ୍ର ୩୩ ନିୟୁତ ଏକର ଫୁଟ। ବିଡ଼ମ୍ବନାର ବିଷୟ ହେଉଛି, ନଦୀର ଉପର ମୁଣ୍ଡରେ ଥାଇ ମଧ୍ୟ ତଳ ମୁଣ୍ଡର ଏକ ଶତ୍ରୁଭାବାପନ୍ନ ରାଷ୍ଟ୍ର ପ୍ରତି ଏଭଳି ଅଯାଚିତ ଔଦାର୍ଯ୍ୟ ପ୍ରଦର୍ଶନର ପୁରସ୍କାର ସ୍ୱରୂପ ଭାରତକୁ କୃତଜ୍ଞତା ବଦଳରେ ମିଳିଛି କେବଳ ସୀମା ପାର ଆତଙ୍କବାଦର ନିରବଚ୍ଛିନ୍ନ ଧାରା। ତେଣୁ ପହଲଗାମ ଘଟଣା ପରେ ଭାରତ ନେଇଥିବା କଠୋର ଆଭିମୁଖ୍ୟରେ ବ୍ୟଥିତ ବା ବିସ୍ମିତ ହେବାର କୌଣସି ବାସ୍ତବ କାରଣ ନାହିଁ।

ଆଜି କେତେକ ଗଣମାଧ୍ୟମରେ ପ୍ରକାଶ ପାଉଛି ଯେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତି ବ୍ୟାହତ ହେବା ପରେ ପାକିସ୍ତାନର କେନାଲଗୁଡ଼ିକ ଶୁଖିବାକୁ ବସିଲାଣି। ପାକିସ୍ତାନର କେତେକ 'ଥିଙ୍କ ଟ୍ୟାଙ୍କ' ଅଭିଯୋଗ କରୁଛନ୍ତି ଯେ ସେଠାରେ ବାର୍ଷିକ ମୁଣ୍ଡପିଛା ନଦୀ ଜଳ ବ୍ୟବହାର ୧୯ଘଞ୍ଚ ମସିହାରେ ୫୦୦୦ ଘନ ମିଟର ଥିବା ବେଳେ ସଂପ୍ରତି ତାହା ୧୦୦୦ ଘନ ମିଟରକୁ ଖସି ଆସିଛି ଏବଂ ଆଗକୁ ତାହା ୫୦୦ ଘନ ମିଟରକୁ ହ୍ରାସ ପାଇ ଜଳାଭାବ ସ୍ଥିତି ଅତ୍ୟନ୍ତ ଉତ୍କଟ ହେବ। କିନ୍ତୁ ଏହି ତଥାକଥିତ ବିଶେଷଜ୍ଞମାନେ ଏହା କହିବାକୁ ଭୁଲିଯାଆନ୍ତି ଯେ ସେମାନଙ୍କ ଦେଶରେ ସ୍ୱଳ୍ପ ସଂଖ୍ୟକ ନଦୀବନ୍ଧ ଓ ଅତ୍ୟନ୍ତ ଦୟନୀୟ କେନାଲ ବ୍ୟବସ୍ଥା ଯୋଗୁଁ ଉପଲବ୍ଧ ହେଉଥିବା ୩୩୬ ନିୟୁତ ଏକର ଫୁଟ ଜଳରୁ ସେମାନେ ମାତ୍ର ୩୩ ପ୍ରତିଶତ ବ୍ୟବହାର କରିବାକୁ ସକ୍ଷମ ହେଉଛନ୍ତି ଏବଂ ଅବଶିଷ୍ଟ ବିଶାଳ ଜଳରାଶି ଅପଚୟ ହୋଇ ଆରବ ସାଗରକୁ ବହିଯାଉଛି। ପାକିସ୍ତାନୀ ଜଳସେଚନ ବ୍ୟବସ୍ଥାରେ ଅନୁସୃତ ହେଉଥିବା ପାରମ୍ପରିକ 'ମାରାବନ୍ଦୀ' ପ୍ରକ୍ରିୟା ଅନୁସାରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଚାଷ ଜମିକୁ ପ୍ରତି ସପ୍ତାହରେ କେବଳ ଥରେ ଏବଂ ଏକ ନିର୍ଦ୍ଦିଷ୍ଟ ଦିନରେ ଜଳ ଯୋଗାଇ ଦିଆଯାଏ; ସେହି ସମୟରେ ଜମି ପାଇଁ ଜଳର ଆବଶ୍ୟକତା ଥାଉ ବା ନଥାଉ, ଜଳ ପ୍ରବାହିତ କରାଯାଏ, ଯାହା କେବଳ ଜଳର ବ୍ୟାପକ ଅପଚୟ ହିଁ ଘଟାଇଥାଏ। ଏହାସହ ସେମାନେ ଏହା ମଧ୍ୟ ହିସାବକୁ ନିଅନ୍ତି ନାହିଁ ଯେ ୧୯୫୨ ମସିହା ତୁଳନାରେ ସେମାନଙ୍କର ସାଂପ୍ରତିକ ଜନସଂଖ୍ୟା ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି, ଯାହାଫଳରେ ମୁଣ୍ଡପିଛା ବ୍ୟବହୃତ ଜଳର ପରିମାଣ ହ୍ରାସ ପାଇବା ଅତ୍ୟନ୍ତ ସ୍ୱାଭାବିକ ଏବଂ ଏହା ବିଶ୍ୱର ସବୁ ସ୍ଥାନରେ ଘଟୁଛି।

ଏ ସବୁ ଭିତରେ ସିନ୍ଧୁ ଜଳ ବଣ୍ଟନ ଚୁକ୍ତିର ସେହି ଗୁରୁତ୍ୱପୂର୍ଣ୍ଣ ସର୍ତ୍ତକୁ ନେଇ ପାକିସ୍ତାନ ସର୍ବଦା ନିରବ ରହିଥାଏ, ଯେଉଁଥିରେ ସ୍ପଷ୍ଟ କୁହାଯାଇଥିଲା ଯେ ପାକିସ୍ତାନ ଭାଗରେ ପଡ଼ିଥିବା ନଦୀ ତ୍ରୟର ଗତିକୁ ପ୍ରତିବନ୍ଧିତ କିମ୍ବା ଅବରୋଧ ନକରି ଭାରତ ସେଥିରୁ ଜଳ ବିଦ୍ୟୁତ୍ ? ଉତ୍ପନ୍ନ କରିପାରିବ ଏବଂ ଏଥିରେ ପାକିସ୍ତାନର କୌଣସି ଆପତ୍ତି ରହିବ ନାହିଁ। ଅଥଚ ବାସ୍ତବ କ୍ଷେତ୍ରରେ 'ଇଣ୍ଟରନେସନାଲ କୋର୍ଟ ଅଫ ଆର୍‌ବିଟ୍ରେସନ' ନିକଟରେ ପାକିସ୍ତାନର ବାରମ୍ବାର ଓ ଭିତ୍ତିହୀନ ଅଭିଯୋଗ ହେତୁ ସୱାଲକୋଟ, ରାତ୍‌ଲି ଏବଂ ଉରି ଭଳି ଭାରତର ଅନେକ ପ୍ରେରଣାଦାୟୀ ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ଗତି ଓ ବେଗ ଦେବା ଭାରତ ପକ୍ଷରେ ସମ୍ଭବ ହେଉନାହିଁ। ଏହି କାରଣରୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅହେତୁକ ଭାବେ ବିଳମ୍ବିତ ହେବା ସହ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇଚାଲିଛି। ସୁତରାଂ, ନିଜର ରାଷ୍ଟ୍ରୀୟ ସ୍ୱାର୍ଥ ଓ ଅର୍ଥନୀତିର ସୁରକ୍ଷା ଦୃଷ୍ଟିରୁ ଏହି ପକ୍ଷପାତମୂଳକ ଓ ପୁରୁଣା ଚୁକ୍ତିକୁ ବର୍ତ୍ତମାନ ସ୍ଥଗିତ ରଖି ଏଥିରେ ଆବଶ୍ୟକ ପରିମାର୍ଜନ ଓ ସଂଶୋଧନ ଘଟାଇବା ସମ୍ପୂର୍ଣ୍ଣ ସମୀଚୀନ ଓ ଜରୁରୀ ମନେହୁଏ। ଏକ ଐତିହାସିକ ତଥ୍ୟ ଅନୁସାରେ, ୧୯୪୮ ମସିହାରେ ଜାତିସଂଘର ନିରାପତ୍ତା ପରିଷଦରେ ପାକିସ୍ତାନର ଶୁଷ୍କତା, ସେଠାକାର କୃଷକମାନଙ୍କର ଦୁର୍ଦ୍ଦଶା ଏବଂ ଜଳ ପ୍ରଦାନ କ୍ଷେତ୍ରରେ ପ୍ରକୃତିର ପାତରଅନ୍ତର ନୀତିକୁ ନେଇ ପାକିସ୍ତାନର ପ୍ରଥମ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜଫାରୁଲ୍ଲା ଖାଁ ଏଭଳି ଏକ କରୁଣ ଓ ନାଟକୀୟ ଭାଷଣ ଦେଇଥିଲେ ଯେ ସେଠାରେ ଉପସ୍ଥିତ ଥିବା ସଦସ୍ୟଗଣ ନିରବରେ ଅଶ୍ରୁପାତ କରିବାକୁ ବାଧ୍ୟ ହୋଇଥିଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ନିଜକୁ ସର୍ବଦା ପୀଡ଼ିତ ଓ ନିରୀହ ବୋଲି ଅଭିହିତ କରି ଅପର ପକ୍ଷଠାରୁ ଦୟା ଓ ସହାନୁଭୂତି ସାଉଁଟିବାର ଏକ ଅପୂର୍ବ ଓ ବିଲକ୍ଷଣ ସାମର୍ଥ୍ୟ ପାକିସ୍ତାନର ଡିଏନ୍‌ଏରେ ହିଁ ବିଦ୍ୟମାନ ରହିଛି। ଏହି କପଟତା ଯୋଗୁଁ ହିଁ ଆଜି ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ବୁଦ୍ଧିଜୀବୀ ମହଲ, ପ୍ରଭାବଶାଳୀ ଥିଙ୍କ ଟ୍ୟାଙ୍କ ଓ ବିଶ୍ୱ ଗଣମାଧ୍ୟମଗୁଡ଼ିକରେ ପାକିସ୍ତାନ ପ୍ରତି ସହାନୁଭୂତିର କୌଣସି ଅଭାବ ଦେଖାଯାଏ ନାହିଁ। ଏହି ଚତୁର ପ୍ରୋପାଗାଣ୍ଡା କାରଣରୁ ଭାରତରେ ସଂଘଟିତ ହେଉଥିବା ଅସଂଖ୍ୟ ଆତଙ୍କବାଦୀ ଉତ୍ପାତ ଓ ନରସଂହାର ପଛରେ ପାକିସ୍ତାନର ସ୍ପଷ୍ଟ ସଂପୃକ୍ତି ଓ ସପ୍ରମାଣ ଦାବିକୁ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ସହଜରେ ବିଶ୍ୱାସ କରିବାକୁ କୁଣ୍ଠାବୋଧ କରନ୍ତି।

ଏଭଳି ଏକ ଜଟିଳ ଓ ସମ୍ବେଦନଶୀଳ ସ୍ଥିତିରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ, ପାକିସ୍ତାନର ଯୁଦ୍ଧ ଧମକ କିମ୍ବା ଭାରତ ପକ୍ଷରୁ ଦିଆଯାଉଥିବା ପ୍ରତ୍ୟୁତ୍ତରଠାରୁ ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ, ତାହା ହେଉଛି ସିନ୍ଧୁ ଜଳ ବଣ୍ଟନ ଚୁକ୍ତିରେ ସମୟାନୁସାରୀ ସଂଶୋଧନର ପ୍ରୟୋଜନକୁ ବିଶ୍ୱ ଦରବାରରେ ଜୋରଦାର ଭାବେ ଉପସ୍ଥାପନ କରିବା। ଏହାସହ ଭାରତକୁ ସର୍ବଦା ଅସ୍ଥିର ଓ ରକ୍ତାକ୍ତ କରି ରଖିବାରେ ପାକିସ୍ତାନର ଯେଉଁ ଦୁରଭିସନ୍ଧି ଓ କ୍ରୁର ମାନସିକତା ରହିଛି, ତାହାକୁ ବିଶ୍ୱବ୍ୟାପୀ ସର୍ବ-ସ୍ୱୀକାର୍ଯ୍ୟ କରାଇବା ନେଇ ଏକ ସକ୍ଷମ, ଦୃଢ଼ ଓ ସଫଳ ବ୍ୟାଖ୍ୟାନ ବା 'ନ୍ୟାରେଟିଭ୍' ସୃଷ୍ଟି କରିବାର ପୃଥକ୍‌କୃତ୍ ଉଦ୍ୟମ କରିବାକୁ ହେବ। ଭାରତ ଆଜି ନିଜର ସୀମା, ସାର୍ବଭୌମତ୍ୱ ଏବଂ ଆର୍ଥିକ ପ୍ରଗତିର ସୁରକ୍ଷା ପାଇଁ ଏହି ଦିଗରେ ଦୃଢ଼ ପଦକ୍ଷେପ ନେବା ଜାତୀୟ ସ୍ୱାର୍ଥର ସର୍ବୋଚ୍ଚ ଆହ୍ୱାନ ଅଟେ।

ଜାତୀୟ ଚେତନା
JATIYA CHETANA



# ଥାନା କ୍ୱାର୍ଟରରୁ ଆଇଆଇସିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,(ଜା.ପ୍ର): ଦିନେ ସାତ ସିଂହର ବଳ ଧରି ଜନତାଙ୍କ ସୁରକ୍ଷା ପାଇଁ ସାମ୍ନା କରୁଥିଲେ ବିପଦକୁ...ଜନସଂପର୍କକୁ ଆଧାର କରି କେମିତି ପୁଲିସିଂ ବ୍ୟବସ୍ଥା ମଜଭୁତ ହେବ, ବାର୍ତ୍ତା ଦେଉଥିଲେ ଖୋଲା ମଞ୍ଚରେ। ସମାଜର କେମିତି ସୁରକ୍ଷା ହୋଇପାରିବ, ଲୋକଙ୍କ ସାମ୍ନାକୁ ଆସି ଆହ୍ୱାନ ଦେଉଥିଲେ। ହେଲେ ଆଜି ନୀରବ, ନିଶ୍ଚଳ, ନିସ୍ତବ୍ଧ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ନିଜକୁ ନିଜେ ଅସ୍ତ୍ର କରିଥିବା ଥାନା ଅଧିକାରିଣୀ ବିଉଟି ମହାନ୍ତି ଆଜିଠୁ ଅତୀତ। ଚାଉଳିଆଗଞ୍ଜ ଥାନା ପରିସର କ୍ୱାର୍ଟର ଭିତରୁ ଆଇଆଇସି ବିଉଟି ମହାନ୍ତିଙ୍କ ମୃତଦେହକୁ ଶନିବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚପରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମହିଳା ଆଇଆଇସିଙ୍କ ମୃତ୍ୟୁ, ହତ୍ୟା ନା ଆତ୍ମହତ୍ୟା, ଏହା ପଛରେ କ'ଣ କାରଣ ହୋଇପାରେ ସେନେଇ ସସ୍‌ପେନ୍ସ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ୯ଟା ଯାଏ ଆଇଆଇସି ବିଉଟି ମହାନ୍ତି ଥାନା କାର୍ଯ୍ୟ ତୁଲାଇ ଥିଲେ। ପରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ସେ ଥାନାର ଉପର ମହଲାରେ ଥିବା ନିଜ କ୍ୱାର୍ଟରକୁ ଯାଇଥିଲେ। କିନ୍ତୁ ଶନିବାର ସକାଳେ ଥାନାରେ ନିୟମିତ ହେଉଥିବା ବ୍ରିଫିଂ ରୋଲକଲକୁ ଆସିନଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ଦିନ ପ୍ରାୟ ୧୦ ଟା ବେଳେ ଥାନା କର୍ମଚାରୀ କ୍ୱାର୍ଟରକୁ ଯାଇ ଆଇଆଇସିଙ୍କୁ ଡାକିଥିଲେ। ମାତ୍ର ରୁମ୍ ଭିତରୁ କିଛି ଉତ୍ତର ନମିଳିବାରୁ ସନ୍ଦେହ ଉପୁଜିଥିଲା। ଏ ସମ୍ପର୍କରେ ଜୋନ୍ ଏସିପି ସୁଧାଂଶୁ ଜେନାଙ୍କୁ ସୂଚନା ଦିଆଯାଇଥିଲା। ପରେ ଏସିପିଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯିବାରୁ ଆଇଆଇସିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଲିସ ପକ୍ଷରୁ ଉକ୍ତ ରୁମକୁ ସିଲ୍ କରାଯାଇଛି। ଖବର ପାଇ ଡିସିପି ଖିଲାରୀ ଋଷିକେଶଙ୍କ ସମେତ ମୃତ ଆଇଆଇସିଙ୍କ ପରିବାର ଲୋକେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ପ୍ରମାଣ ସଂଗ୍ରହ କରାଯାଇଛି।

ତେବେ ଆଇଆଇସିଙ୍କ ମୃତ୍ୟୁ ଖବର ପାଇ  କଟକ-ଭୁବନେଶ୍ୱର ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ଘଟଣାସ୍ଥଳରେ ପହଞ୍ଚି କହିଛନ୍ତି ଯେ ସବୁ ଆତ୍ମହତ୍ୟା ପଛରେ କିଛି କାରଣ ଥାଏ। ବିନା କାରଣରେ ହୁଏନି। ତାଙ୍କର କୌଣସି ବ୍ୟକ୍ତିଗତ କାରଣ ଥାଇପାରେ। ସେନେଇ ଅନୁଧ୍ୟାନ କରିବୁ। ସେ ଆହୁରି କହିଛନ୍ତି ଯେ ସେ ଶାରୀରିକ ଓ ମାନସିକ ଭାବେ ବହୁତ ଦୃଢ଼ ଥିଲେ। କେବେ କୌଣସି ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କୁ କହିନାହାନ୍ତି। କମିଶନରେଟ୍ ପୁଲିସରେ ସେ ଭଲ କାମ କରୁଥିଲେ। ତାଙ୍କର ପବ୍ଲିକ ଡିଲିଂ ଭଲ ଥିଲା। ତଦନ୍ତ ପରେ ତାଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍ ଦେବଦତ୍ତ ସିଂହ କହିଛନ୍ତି। ସେହିପରି ଅତିରିକ୍ତ ଡିସିପି କହିଛନ୍ତି ଶୁକ୍ରବାର ଦିନ ତମାମ ଆଇଆଇସି ସ୍ୱାଭାବିକ ଭାବେ ଡ୍ୟୁଟି କରିଥିଲେ। ରାତି ପ୍ରାୟ ସାଢ଼େ ୧୦ ଟା ବେଳେ ସେ ତାଙ୍କର ବିଶ୍ରାମ କକ୍ଷକୁ ଯାଇଥିଲେ। କିନ୍ତୁ ଆଜି ସକାଳେ କ୍ୱାର୍ଟର୍ସରୁ  ଆଇଆଇସିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତେବେ ତଦନ୍ତ ପରେ ଘଟଣା ଉପରୁ ପରଦା ଉଠିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଆଇଆଇସିଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଜଣେ ଭଲ ଅଫିସରଙ୍କ ଏଭଳି ମନସ୍ତାତ୍ତ୍ୱିକ ସ୍ଥିତି କାହିଁକି, ତାହା କହିବା କଷ୍ଟଦାୟକ। ବିଭାଗୀୟ ତଦନ୍ତ ପରେ ଜୀବନ ହାରିବାର ପ୍ରକୃତ କାରଣ ଜଣାପଡ଼ିବ। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ।

## ଡାକ୍ତର ଆନ୍ଦୋଳନ ସ୍ଥଗିତ

# ସ୍ୱାସ୍ଥ୍ୟ ସେବାରେ କୌଣସି ବ୍ୟାଘାତ ଆସିବନି: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ୧୦ ଦଫା ଦାବି ନେଇ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଚତୁର୍ଥ ଦିନରେ ସ୍ଥଗିତ ହୋଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କଲା ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଶନିବାର ଠାରୁ ହିଁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେଇଥିବାବେଳେ ରୋଗୀସେବା  ସ୍ୱାଭାବିକ ହୋଇଛି। ଆଲୋଚନା ସମୟରେ ଓମ୍‌ସାର ଦାବି ନେଇ ଉଚ୍ଚସ୍ତରୀୟ କମିଟି ଗଠନ ନିଷ୍ପତ୍ତି ହୋଇଛି। କମିଟିରେ ସ୍ୱାସ୍ଥ୍ୟ, ଜିଏ, ଅର୍ଥ, ଆଇନ ସଚିବ ସ୍ଥାନିତ ହୋଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ ବୋଲି ଜଣାଯାଇଛି।

ଶନିବାର  ଡାକ୍ତର ସଂଘର ପ୍ରତିବାଦ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ବୈଠକରେ ଓମ୍‌ସାର ସାଧାରଣ ସମ୍ପାଦକ ଏବଂ ସଭାପତି ଯୋଗ ଦେଇଥିଲେ। ବୈଠକରେ ଆଲୋଚନା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, 'ଡାକ୍ତର ସଂଘ ସହିତ ବହୁତ ଭଲ ଆଲୋଚନା ହୋଇଛି। ଓମସା ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଯେଉଁ ମୁଖ୍ୟ ୧୦ ଦଫା ଦାବି ରହିଛି ତାହା ଉପରେ ଆଲୋଚନା କରାଯାଇଛି। ଦାବିଗୁଡ଼ିକ କିଭଳି ଭାବରେ ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବ ସେ ନେଇ ଏକ ହାଇ ପାୱାର କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷତା କରିବେ ଅର୍ଥ ସଚିବ। ଏହା ସହିତ ସ୍ୱାସ୍ଥ୍ୟ ସଚିବ ସମେତ



ଅନ୍ୟ ଅଧିକାରୀ ମଧ୍ୟ ଏହି କମିଟିରେ ରହିବେ। ଜୁଲାଇ ୨୨ ତାରିଖରେ କମିଟିର ଏକ ଗୁରିତ୍ୱପୂର୍ଣ୍ଣ ବୈଠକ କରାଯିବ। ଆଶା କରାଯାଉଛି ଆଗକୁ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଉପରେ କୌଣସି ବାଧା ଆସିବ ନାହିଁ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି। ଶ୍ରୀ ମହାଲିଙ୍ଗ ଆହୁରି ମଧ୍ୟ କହିଛନ୍ତି ଯେ, ଏ ସରକାର ହେଉଛି ଲୋକଙ୍କ ସରକାର। ତେଣୁ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ କୌଣସି ବ୍ୟାଘାତ ଆସିବ ନାହିଁ। ଡାକ୍ତରମାନଙ୍କ ଦାବିକୁ ସରକାର ସମ୍ମାନ ଜଣାଉଛନ୍ତି। ଡାକ୍ତରମାନେ ମଧ୍ୟ ରୋଗୀସେବାକୁ ପ୍ରାଥମିକତା ଦେବେ ଓ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ଆଶ୍ୱସ୍ତ କରିଛନ୍ତି।

ଅନ୍ୟପକ୍ଷରେ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନାରେ ସନ୍ତୋଷ ବ୍ୟକ୍ତ କରି ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ, ଆଲୋଚନା ଫଳପ୍ରଦ ହୋଇଛି। ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଆମର ଦାବିଗୁଡ଼ିକୁ ଉକ୍ତ କମିଟି ଯାଞ୍ଚ କରିବେ ଓ ଆମେ ମଧ୍ୟ କମିଟି ଆଗରେ ନିଜର ପ୍ରେଜେଣ୍ଟେସନ ଦେବୁ। ତେଣୁ ଆମର ଯେଉଁ ଗୁରୁତ୍ୱପୂର୍ଣ୍ଣ ଦାବିଗୁଡ଼ିକ ରହିଛି ତା'ର ସମାଧାନ ବାହାରିପାରିବ ବୋଲି ଆମେ ଆଶାବାଦୀ ଅଛୁ। ଆଲୋଚନାକୁ ନେଇ ଆମେ ଖୁସି ଅଛୁ। କାର୍ଯ୍ୟକାରୀ କମିଟି ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଘୋଷଣା କରୁଛୁ ବୋଲି ଡାକ୍ତର ମିଶ୍ର କହିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ଓ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଉପରେ ଭରସା କରି ଡାକ୍ତରମାନେ ନିଜର ଆନ୍ଦୋଳନକୁ ସ୍ଥଗିତ ରଖିବା ସହ ସ୍ୱାସ୍ଥ୍ୟସେବାରେ ଯୋଗ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ବିଭିନ୍ନ ପ୍ରସଙ୍ଗ ଉପରେ ଦାବି କରି ଡାକ୍ତରମାନେ ଗତ ୧ ତାରିଖ ଠାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ତେବେ ଗତ ଗୁରୁବାର  ବିଳମ୍ବିତ ରାତିରେ ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର ଗତକାଲି କଠୋର ଚେତାବନୀ ଦେଇଥିଲେ। ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦେବାକୁ ଚେତାବନୀ ଦେଇଥିଲେ। କାର୍ଯ୍ୟରେ ଯୋଗ ନଦେଲେ ଆନ୍ଦୋଳନରତ ଡାକ୍ତରଙ୍କ ଦରମା ବନ୍ଦ ସହ ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସିଡିଏମ୍‌ଓ, ପିଏଚଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ସମସ୍ତ ମେଡିକାଲ କଲେଜ ଅଧ୍ୟକ୍ଷ ଏବଂ ଅଧୀକ୍ଷକଙ୍କୁ ଚିଠି କରାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଚିଠି କରାଯାଇଥିଲା। ଏହା ସତ୍ତ୍ୱେ ବି ଡାକ୍ତରମାନେ ଆନ୍ଦୋଳନରୁ ଓହରିନଥିଲେ। ଫଳରେ ଶନିବାର ଓମ୍‌ସା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବୈଠକ ବସିଥିଲା।

# 'ମେହେରମୁଣ୍ଡା' ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନ

ଭୁବନେଶ୍ୱର,(ଜା.ପ୍ର): 'ମେହେରମୁଣ୍ଡା'- ଓଡ଼ିଶାର ବୁଣାକାର ସମୁଦାୟଙ୍କୁ ସମର୍ପିତ ଏକ ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଷ୍ଟେଟ୍ କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନୀ ସମୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ,ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ  ସୋମେଶ କୁମାର ଉପାଧ୍ୟାୟ, ହସ୍ତଶିଳ୍ପ ନିର୍ଦ୍ଦେଶିକା ଡକ୍ଟର ନିବେଦିତା ପୃଷ୍ଟି, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ହୋତା, ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଓଏଫଡିସିର ପରିଚାଳନା ନିର୍ଦ୍ଦେଶକ  ଜ୍ୟୋତି ରଞ୍ଜନ ପଣ୍ଡା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅଧିକାରୀ, କର୍ମକର୍ତ୍ତା ଓ ମେହେରମୁଣ୍ଡା ଚଳଚ୍ଚିତ୍ରର କଳାକାରମାନେ ଉପସ୍ଥିତ ଥିଲେ।

ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ଚଳଚ୍ଚିତ୍ରର ପ୍ରଶଂସା କରି କହିଥିଲେ ଯେ 'ମେହେରମୁଣ୍ଡା' ଚଳଚ୍ଚିତ୍ରଟି ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ,କଳା, ସଂସ୍କୃତିର  ଅତି ଜୀବନ୍ତ ଓ ନିଖୁଣ ପ୍ରତିଫଳନ। ସିନେମାର ସୃଜନଶୀଳ କାହାଣୀ ଏବଂ ଉଚ୍ଚକୋଟୀର ନିର୍ଦ୍ଦେଶନା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଏକ ବଡ଼ ମାଧ୍ୟମ ସାଜିବ। ଜିଆର ରେକଡର୍ସ ପ୍ରସ୍ତୁତ 'ମେହେରମୁଣ୍ଡା' ହେଉଛି ଓଡ଼ିଶାର ବୁଣାକାର ଜୀବନ, ସଂଘର୍ଷ ଓ ସଫଳତାକୁ ଆଧାର କରି ନିର୍ମିତ ଏକ ଓଡ଼ିଆ ଚଳଚ୍ଚିତ୍ର। କୋଭିଡ୍-୧୯ ପରେ ଆର୍ଥିକ ସଙ୍କଟ ସତ୍ତ୍ୱେ ମଧ୍ୟ ସେମାନେ ନିଜର ପାରମ୍ପରିକ କଳା ଓ ସଂସ୍କୃତିକୁ ବଜାୟ ରଖି, ଅନଲାଇନ୍ ବ୍ୟବସାୟ ମାଧ୍ୟମରେ ନିଜ ପରିଚୟକୁ ଆହୁରି ସୁଦୃଢ଼ କରିଥିବା କାହାଣୀକୁ ଏହି ଚଳଚ୍ଚିତ୍ରରେ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସ୍ୱାଇଁ  କହିଥିଲେ ଯେ ମେହେରମୁଣ୍ଡା ଚଳଚ୍ଚିତ୍ର ପ୍ରତିଟି ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରିବା ସହ ଓଡିଶା ବାସୀଙ୍କଚିନ୍ତାଧାରାକୁ ସୁଦୃଢ଼ କରିବାରେ ସକ୍ଷମ ହୋଇ ପାରିଛି। ସେହିପରି  ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ ଆମ ମାଟିର କଳା ଓ କାରିଗରମାନଙ୍କ ଅନ୍ତର୍ନିହିତ ଭାବନାକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି, ଯାହା ପ୍ରତ୍ୟେକ ଦର୍ଶକଙ୍କ ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିବ। ମେହେରମୁଣ୍ଡା କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଓଡ଼ିଶାର ବୁଣାକାର ସମୁଦାୟଙ୍କ ସଂଘର୍ଷ, ସୃଜନଶୀଳତା ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଏକ ସାର୍ଥକ ପ୍ରୟାସ। ଆଜିର ଏହି ଚଳଚ୍ଚିତ୍ର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ସମର୍ପିତ। ଏପରିକି ଏହି ଚଳଚ୍ଚିତ୍ର ଓଡ଼ିଆ ଅସ୍ମିତାର ପରିଚୟ। ଏହି ଚଳଚ୍ଚିତ୍ର ମାଧ୍ୟମରେ  ଓଡିଶାର ହସ୍ତତନ୍ତ ଐତିହ୍ୟ, ବୁଣାକାର ସମୁଦାୟଙ୍କ ସଂଘର୍ଷ ଓ ସେମାନଙ୍କ ଅବଦାନକୁ ସମାଜ ସମ୍ମୁଖରେ ଆଣିବା ସହ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ହସ୍ତତନ୍ତ ପରମ୍ପରାକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଏକ ସଫଳ ପ୍ରୟାସ କରାଯାଇଛି ବୋଲି ଚଳଚ୍ଚିତ୍ରର ପ୍ରଯୋଜକ ରାକେଶ କୁମାର ପାଢ଼ୀ କହିଛନ୍ତି । ସୂଚନା ଯୋଗ୍ୟ ଯେ ଚଳଚ୍ଚିତ୍ରଟିର ସାମାଜିକ ବାର୍ତ୍ତା ଓ ନିର୍ମାଣ ଗୁଣବତ୍ତା ପାଇଁ ୩ଟି ଆନ୍ତର୍ଜାତୀୟ ପୁରସ୍କାର ହାସଲ କରିଛି। ଏହା ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହସ୍ତତନ୍ତ ପରମ୍ପରା ପ୍ରତି ସଚେତନତା ସୃଷ୍ଟି ପାଇଁ ଚଳଚ୍ଚିତ୍ରଟିର ସ୍କ୍ରିନିଂ ଆୟୋଜନ କରାଯାଇଛି। ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ପ୍ରଚାର ଓ ସଂରକ୍ଷଣରେ ଚଳଚ୍ଚିତ୍ରଟିର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ୯ ଜୁନ୍ ୨୦୨୬ରେ ଓଡ଼ିଶା ସରକାର 'ମେହେରମୁଣ୍ଡା'କୁ କରମୁକ୍ତ ଘୋଷଣା କରିଛନ୍ତି।

# ପଦ୍ମ ପୁରସ୍କାରପ୍ରାପ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ଆମନ୍ତ୍ରଣ

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ୧୬ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଉକ୍ତ ଘୋଷଯାତ୍ରାରେ ସାମିଲ ହେବା ପାଇଁ ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷମାନଙ୍କୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମନ୍ତ୍ରଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ହେଉଛି ଆମ ସଂସ୍କୃତିର ଅନନ୍ୟ ପ୍ରତୀକ। ଶ୍ରଦ୍ଧା ଓ ଉତ୍ସବମୁଖର ଆଧ୍ୟାତ୍ମିକ ସଂସ୍କୃତିର ଏହା ଏକ ବଳିଷ୍ଠ ନିଦର୍ଶନ। ଶତାବ୍ଦୀ ଶତାବ୍ଦୀ ଧରି ଏହି ପରମ୍ପରା ଭକ୍ତି, କରୁଣା ଏବଂ ବିଶ୍ୱଭ୍ରାତୃତ୍ୱବୋଧର ଚିରନ୍ତନ ବାର୍ତ୍ତା ବହନ କରି ଆସିଛି।  ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଏହି ଦିବ୍ୟ ଯାତ୍ରାର ସାକ୍ଷୀ ହୋଇ ତାଙ୍କ ଆଶୀର୍ବାଦ ଭିକ୍ଷା କରିବା ପାଇଁ ପୁରୀରେ ଏକତ୍ରିତ ହୁଅନ୍ତି। ଚଳିତ ବର୍ଷ ରଥଯାତ୍ରାରେ ଯୋଗଦେବା ପାଇଁ  ପଦ୍ମ ପୁରସ୍କାରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ସସମ୍ମାନେ ଆମନ୍ତ୍ରଣ କରୁଛି। ଏହି ପବିତ୍ର ଅବସରରେ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଆମ ସମସ୍ତଙ୍କ ପାଇଁ ଆନନ୍ଦ ଓ ଗୌରବର ବିଷୟ ହେବ। ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ରାଜ୍ୟର ସମୃଦ୍ଧି ଏବଂ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରଣତି ଜଣାଇବା ଏବଂ ତାଙ୍କର ଦିବ୍ୟ ଆଶୀର୍ବାଦ ଲାଭ କରିବା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

# ବସ୍ ଧକ୍କାରେ ୩ ଯୁବକ ମୃତ

ଭୁବନେଶ୍ୱର,(ଜା.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ନିକଟସ୍ଥ ୫୯ ନଂ ଜାତୀୟ ରାଜପଥ ଖଡ଼ଗ ନଦୀ ପୋଲ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମଦନପୁର-ରାମପୁରରୁ ଭୁବନେଶ୍ୱର ଯାଉଥିବା ଏକ ବସ୍ ଧକ୍କାରେ ୩ ଜଣ ମୋଟରସାଇକଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତଯୁବକମାନେ ହେଲେ ନବରଙ୍ଗପୁର ସହର ତୋଟାସାହି ଅଞ୍ଚଳର ଶୁଭମ୍ ରାଜ ଜେନା(୨୧), ହିର୍ଲିର ସୁନିଲ ଜାନୀ(୨୭)ଓ ଟାମୁରିଆଗୁଡାର ଚନ୍ଦନ ସୁନା(୨୫)। ସୂଚନାନୁସାରେ, ଏହି ତିନି ଜଣ ଗୋଟିଏ ମୋଟରସାଇକଲ୍‌ରେ ଯାଉଥିବାବେଳେ ବସ୍‌ଟି ଧକ୍କା ଦେଇ ଘଟଣା ସ୍ଥଳରୁ ପଳାଇଥିଲା। ସୂଚନା ପାଇବା ପରେ ବାଲିଗୁଡ଼ା ଥାନାର ଏସଆଇ ଯୁଗଳ କିଶୋର ନାୟକ ଓ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଟି ଏତେ ତୀବ୍ର ଥିଲା ଯେ ମୃତ ଚନ୍ଦନଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା।  ଦୁଇ ଜଣ ଶୁଭମ୍ ଓ ସୁନୀଲ ଗୁରୁତର ଆହତ ହୋଇଥିଲେ। ଏହି ଦୁଇ ଜଣଙ୍କୁ ପୁଲିସ ଗାଡିରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଜାତୀୟ ଚେତନା
JATIYA CHETANA





# ସ୍ୱର୍ଣ୍ଣଶ୍ରେଷ୍ଠ

ସୂର୍ଯ୍ୟାଲୋକରେ ଝଲସୁଥିବା ଏକ ଶାନ୍ତ ସକାଳ। ବ୍ରହ୍ମପୁର ସହରର କୋଳାହଳଠାରୁ ଟିକେ ଦୂରରେ ଛିଡ଼ା ହୋଇଥିବା ଏକ ସୁଉଚ୍ଚ ଆପାର୍ଟମେଣ୍ଟର ଚତୁର୍ଥ ମହଲା। ଏହି ମହଲାରେ ରହନ୍ତି ଜଣେ ପ୍ରତିଷ୍ଠିତ ବ୍ୟାଙ୍କ ରବୀନ୍ଦ୍ର ଅଧିକାରୀ ଏବଂ ତାଙ୍କ ପରିବାର। ସେହି ଘରର ଏକମାତ୍ର ଉଦୀୟମାନ, ସ୍ୱପ୍ନିଳ ଓ ସ୍ୱର୍ଣକାତର ଝିଅ ହେଉଛି 'ଲିପ୍ସା'। ଲିପ୍ସା ଅନ୍ୟ ଝିଅମାନଙ୍କଠାରୁ ଟିକେ ଭିନ୍ନ ଥିଲା। ସହରର ଚାକଚକ୍ୟ କିମ୍ବା ଆଧୁନିକ ମୋବାଇଲ୍ ଦୁନିଆରେ ହଜିଯିବା ଅପେକ୍ଷା ସେ ବାଲକୋନିରେ ଛିଡ଼ା ହୋଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଦେଖିବା ଓ ବହି ପଢ଼ିବାକୁ ଅଧିକ ଭଲ ପାଉଥିଲା।

ପ୍ରତିବର୍ଷ ପରିବାରର ବିବାହ ବାର୍ଷିକୀ କିମ୍ବା ନିଜର ସ୍ମରଣୀୟ ଦିନଗୁଡ଼ିକ ଆସିଲେ, ସେମାନେ ଏହି ନିର୍ଦ୍ଦିଷ୍ଟ ଆପାର୍ଟମେଣ୍ଟକୁ ଚାଲିଆସନ୍ତି। ଲିପ୍ସା ପାଇଁ ଏହି ସ୍ଥାନଟି କେବଳ ଇଟା-କଂକ୍ରିଟ୍ ?ର ଏକ କୋଠରି ନଥିଲା, ବରଂ ତା'ର ଅନେକ ଅକୁହା ଭାବନାର ଆଶ୍ରୟସ୍ଥଳୀ ଥିଲା। ବାଲକୋନିରୁ ଦେଖାଯାଉଥିବା ଦୂର ଆକାଶ, ଗଛଲତା ଏବଂ ପକ୍ଷୀମାନଙ୍କ କାକଳି ଲିପ୍ସାକୁ ଏକ ଅନାବିଳ ଆନନ୍ଦ ପ୍ରଦାନ କରୁଥିଲା। ସେ ସବୁବେଳେ ଭାବୁଥିଲା, ଏହି ଯାନ୍ତ୍ରିକ ଜୀବନ ଭିତରେ ମଣିଷ କେବେ ପ୍ରକୃତ ଶାନ୍ତି ପାଇବ ? ତା'ର ଏହି ନିରୀହ ପ୍ରଶ୍ନଗୁଡ଼ିକ ବେଳେବେଳେ ତା' ବାପା-ମୋଉଙ୍କୁ ହସାଇ ଦେଉଥିଲା।

ଠିକ୍ ତା'ର ଉପର ମହଲା ଅର୍ଥାତ ପଞ୍ଚମ ମହଲାରେ ରହୁଥିଲେ ଜଣେ ଭଦ୍ର ଓ ଅମାୟିକ ଯୁବକ 'ଶିବ'। ଶିବଙ୍କ ସହ ରହୁଥିଲେ ତାଙ୍କର ଦୁଇ ସହଯୋଗୀ ସୋମ୍ ଏବଂ ମାଳୟା। ଶିବ ଜଣେ ଉଚ୍ଚଶିକ୍ଷିତ ଏବଂ ଖୁବ୍ ସହଜ, ସରଳ ପ୍ରକୃତିର ମଣିଷ ଥିଲେ। ପଡ଼ୋଶୀ କାହା ବିପଦରେ ପଡ଼ିଲେ ଶିବ ପ୍ରଥମେ ଦୌଡ଼ି ଯାଉଥିଲେ ସାହାଯ୍ୟ କରିବାକୁ। ସେ କେବଳ ନିଜ ପାଇଁ ନୁହେଁ, ବରଂ ଆପାର୍ଟମେଣ୍ଟର ସମସ୍ତଙ୍କ ସୁଖ-ଦୁଃଖକୁ ନିଜର ବୋଲି ଭାବୁଥିଲେ।

ଶିବ ଏବଂ ଲିପ୍ସା ମଧ୍ୟରେ କେବେ ବେଶି କଥାବାର୍ତ୍ତା ହୋଇନଥିଲା। ବେଳେବେଳେ ସିଢ଼ିରେ କିମ୍ବା ଲିଫ୍ଟ ପାଖରେ ସାମ୍ନାସାମ୍ନି ହେଲେ, ଶିବ ଏକ ପବିତ୍ର ହସଟିଏ ଦେଇ ନମସ୍କାର କରୁଥିଲେ ଏବଂ ଲିପ୍ସା ମଧ୍ୟ ଧୀର ଭଦ୍ରତାର ସହ ତା'ର ଉତ୍ତର ଦେଉଥିଲା। ଲିପ୍ସା ଶିବଙ୍କର ଏହି ପରୋପକାରୀ ସ୍ୱଭାବ ବିଷୟରେ ଆପାର୍ଟମେଣ୍ଟର ଅନ୍ୟମାନଙ୍କଠାରୁ ଅନେକ କଥା ଶୁଣିଥିଲା। ସେ ଭାବୁଥିଲା, ଆଜିକାଲିର ସ୍ୱାର୍ଥପର ଦୁନିଆରେ ଏମିତି ନିଷ୍କପଟ ମଣିଷ ମଧ୍ୟ ମିଳନ୍ତି ! ଶିବଙ୍କ ପ୍ରତି ତା' ମନରେ ଏକ ଅଜଣା ଶ୍ରଦ୍ଧା ଓ ସମ୍ମାନ ଧୀରେ ଧୀରେ ଗଢ଼ି ଉଠୁଥିଲା।

ସେଦିନ ଥିଲା ଆପାର୍ଟମେଣ୍ଟ ପରିସରରେ ଏକ ବଡ଼ ସାମୂହିକ ଉତ୍ସବର ଦିନ। ସବୁ ମହଲାର ସଦସ୍ୟମାନେ ଏକାଠି ହୋଇ ଏକ ବିଶାଳ ସାନ୍ଧ୍ୟ ଭୋଜିର ଆୟୋଜନ କରିଥିଲେ। ଚାରିପଟେ ରଙ୍ଗବିରଙ୍ଗର ଆଲୋକମାଳା, ସୁନ୍ଦର ସଙ୍ଗୀତର ଲହରୀ ଏବଂ ସୁସ୍ୱାଦୁ ଖାଦ୍ୟର ବାସ୍ନା ପରିବେଶକୁ ଖୁବ୍ ଜମଜମାଟ କରିଦେଇଥିଲା। ସମସ୍ତେ ନିଜ ନିଜର ଦୈନନ୍ଦିନ ବ୍ୟସ୍ତତା, ଅଫିସ୍ ଚିନ୍ତା ଓ କାର୍ଯ୍ୟଭାର ଭୁଲି ହସଖୁସିରେ ମାତିଥିଲେ। ଲିପ୍ସା ମଧ୍ୟ ଏକ ସୁନ୍ଦର ପୋଷାକ ପିନ୍ଧି ନିଜ ବାପା-ମୋଉଙ୍କ ସହ ଉତ୍ସବର ଆନନ୍ଦ ନେଉଥିଲା। ମାତ୍ର ଖୁସିର ସେହି ଚରମ ମୁହୂର୍ତ୍ତରେ ହଠାତ୍ ପ୍ରକୃତିର ନିୟମ ଅନୁସାରେ ଏକ ବଡ଼ ଦୁର୍ଘଟଣା ସଦୃଶ ସମସ୍ୟା ଦେଖାଦେଲା। ଆପାର୍ଟମେଣ୍ଟର ମୁଖ୍ୟ ଲିଫ୍ଟରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଘଟିଲା ଏବଂ ତାହା ଦୁଇଟି ମହଲାର ମଝି ଅନ୍ଧାରରେ ଅଟକିଗଲା। ଲିଫ୍ଟ ଭିତରେ କିଛି ମହିଳା ଏବଂ ଛୋଟ ପିଲା ଥିଲେ। ଭିତରୁ ସେମାନଙ୍କର କାନ୍ଦଣା ଓ ବ୍ୟାକୁଳ ଚିତ୍କାର ଶୁଣାଗଲା। ବାହାରେ ଥିବା ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଓ ଭୟର ବାତାବରଣ ସୃଷ୍ଟି ହେଲା। କେହି କ'ଣ କରିବେ କିଛି ବୁଝିପାରୁ ନଥିଲେ। ସମସ୍ତେ ବ୍ୟସ୍ତ ହୋଇ ଏପଟ ସେପଟ ଦୌଡ଼ିବାକୁ ଲାଗିଲେ।

ଲୋକଙ୍କର ଏହି ବ୍ୟାକୁଳତା ଦେଖି ପଞ୍ଚମ ମହଲାର ଶିବ ସାମନାକୁ ଆସିଲେ। ସେ ସେହି ସଙ୍କଟ ସମୟରେ ନିଜର ମାନସିକ ସନ୍ତୁଳନ ଓ ଧୈର୍ଯ୍ୟ ହରାଇ ନଥିଲେ। ସେ ପ୍ରଥମେ ସମସ୍ତଙ୍କୁ ଶାନ୍ତ ରହିବାକୁ ଏବଂ କୋଳାହଳ ନକରିବାକୁ ଅନୁରୋଧ କଲେ। ଲିଫ୍ଟ ପାଖକୁ ଯାଇ ସେ ଭିତରେ ଥିବା ଲୋକଙ୍କୁ ସାହସ ଦେଇ କହିଲେ, 'ଆପଣମାନେ ଜମାରୁ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ତୁରନ୍ତ ବ୍ୟବସ୍ଥା କରୁଛି।'

ଶିବ ବିନା ସମୟ ନଷ୍ଟ କରି ନିଜ ମୋବାଇଲ୍‌ରୁ ସହରର ଜଣେ ସବୁଠାରୁ ଦକ୍ଷ ଯାନ୍ତ୍ରିକ ବିଶେଷଜ୍ଞ ବା ମେକାନିକ୍‌କୁ ଫୋନ୍ କଲେ ଏବଂ ତୁରନ୍ତ ଆସିବାକୁ କହିଲେ। ମେକାନିକ୍ ଆସିବା ପର୍ଯ୍ୟନ୍ତ ଶିବ ଚୁପ୍ ?ଚାପ୍ ବସି ନଥିଲେ। ସେ ସମସ୍ତ ଆପାର୍ଟମେଣ୍ଟବାସୀଙ୍କୁ ସୁରକ୍ଷିତ ଭାବେ ସିଢ଼ି ସାହାଯ୍ୟରେ ଗ୍ରାଉଣ୍ଡ ଫ୍ଲୋରକୁ ଓହ୍ଲାଇ ଆସିବା ପାଇଁ ବାଟ କଢ଼େଇଲେ, ଯଦ୍ୱାରା ଉପରେ କୌଣସି ଭିଡ଼ କିମ୍ବା ଅଘଟଣ ନଘଟେ। ସେ ନିଜେ ସେହି ଅନ୍ଧାର ସିଢ଼ିରେ ଲୋକଙ୍କୁ ଟର୍ଚ୍ଚ ଦେଖାଇ ତଳକୁ ଆଣୁଥିଲେ। ଶିବଙ୍କର ଏହି ଦାୟିତ୍ୱବାନ ମନୋଭାବ ଏବଂ ତୁରନ୍ତ ସଠିକ୍ ନିଷ୍ପତ୍ତି ନେବାର ଶୈଳୀ ଦେଖି ଲିପ୍ସା ସ୍ତବ୍ଧ ହୋଇଯାଇଥିଲା। ତା' ଆଖିରେ ଶିବଙ୍କ ପ୍ରତି ଥିବା ସମ୍ମାନ ଆହୁରି ଅନେକ ଗୁଣ ବଢ଼ିଗଲା।

କିଛି ସମୟ ମଧ୍ୟରେ ମେକାନିକ୍ ଆସି ପହଞ୍ଚିଲା ଏବଂ ତା'ର କଠିନ ପରିଶ୍ରମ ପରେ ଲିଫ୍ଟର ଯାନ୍ତ୍ରିକ ତ୍ରୁଟି ସୁଧାରିଗଲା। ଭିତରେ ଥିବା ଲୋକମାନେ ସୁରକ୍ଷିତ ଭାବେ ବାହାରକୁ ଆସିଲେ ଏବଂ ଭୟମୁକ୍ତ ହେଲେ। ସମସ୍ତେ ଆଶ୍ୱସ୍ତର ନିଶ୍ୱାସ ମାରିଲେ। ଆପାର୍ଟମେଣ୍ଟର ପ୍ରତ୍ୟେକ ବ୍ୟକ୍ତି, ବାପା, ବୋଉ ଏବଂ ସ୍ଥାନୀୟ ଜନସାଧାରଣ ଶିବଙ୍କର ଏହି ମହତ୍ ପ୍ରୟାସକୁ ଭୂୟସୀ ପ୍ରଶଂସା କଲେ। ଉତ୍ସବଟି ସଫଳତାର ସହ ସରିଲା, ମାତ୍ର ଏହି ଘଟଣା ଲିପ୍ସା ଓ ଶିବଙ୍କ ଜୀବନର ଗତିପଥକୁ ଏକ ନୂଆ ମୋଡ଼ ଦେଇ ସାରିଥିଲା।

ପରଦିନଠାରୁ ସେମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥୋପକଥନ ଆରମ୍ଭ ହେଲା। ବାଲକୋନିରେ ଦେଖାହେଲେ ସେମାନେ ପରସ୍ପରର ଭଲମନ୍ଦ ପଚାରି ବୁଝିଲେ। ଧୀରେ ଧୀରେ ସେମାନଙ୍କର ଏହି ସମ୍ପର୍କ ଏକ ଗଭୀର ବନ୍ଧୁତାରେ ପରିଣତ ହେଲା। ଦୁହେଁ ପରସ୍ପରର ବିଚାର, ଚିନ୍ତାଧାରା ଏବଂ ଜୀବନର ଆଦର୍ଶକୁ ବୁଝିବାକୁ ଚେଷ୍ଟା କଲେ। ଲିପ୍ସା ଅନୁଭବ କଲା ଯେ ଶିବ କେବଳ ଜଣେ ସାଧାରଣ ଯୁବକ ନୁହନ୍ତି, ବରଂ ଜୀବନର ଯେକୌଣସି ସମସ୍ୟାକୁ ଧୈର୍ଯ୍ୟର ସହ ସାମ୍ନା କରିବାର ଅଦ୍ଭୁତ କ୍ଷମତା ତାଙ୍କ ପାଖରେ ରହିଛି।

ଲିପ୍ସା ଏବଂ ଶିବଙ୍କ ମଧ୍ୟରେ ଥିବା ଏହି ନିବିଡ଼ତା ଓ ପରସ୍ପର ପ୍ରତି ଥିବା ସମ୍ମାନ ବିଷୟରେ ଦୁଇ ପରିବାର ମଧ୍ୟ ଧୀରେ ଧୀରେ ଜାଣିବାକୁ ପାଇଲେ। ଶିବଙ୍କ ବାପା-ମୋଉ ଏବଂ ଲିପ୍ସାର ବ୍ୟାଙ୍କ ଅଧିକାରୀ ବାପାଙ୍କ ମଧ୍ୟରେ ସମ୍ପର୍କର ଏହି ନୂଆ ଦିଗକୁ ନେଇ ଆଲୋଚନା ହେଲା। ଶିବଙ୍କ ଭଳି ଜଣେ ସଚ୍ଚୋଟ, ବୁଦ୍ଧିମାନ ଓ ଦାୟିତ୍ୱବାନ ଯୁବକଙ୍କୁ ନିଜ ଘରର ଜ୍ୱାଇଁ ଭାବେ ପାଇବା ଲିପ୍ସାର ପରିବାର ପାଇଁ ଏକ ବଡ଼ ସୌଭାଗ୍ୟର ବିଷୟ ଥିଲା।

ଦୁଇ ପରିବାରର ସମ୍ମତି ଓ ସାମୂହିକ ଆନନ୍ଦ ଉଲ୍ଲାସ ସହକାରେ ଲିପ୍ସା ଏବଂ ଶିବଙ୍କର ବିବାହ ପ୍ରସ୍ତାବ ସ୍ଥିର ହେଲା। ସେହି ସାଧାରଣ ଆପାର୍ଟମେଣ୍ଟର ଚତୁର୍ଥ ଓ ପଞ୍ଚମ ମହଲାର ସମ୍ପର୍କ ଏବେ ଏକ ପବିତ୍ର ବନ୍ଧନରେ ବାନ୍ଧି ହୋଇଗଲା। ବିବାହ ପରେ ଲିପ୍ସା ନିଜକୁ ବିଶ୍ୱର ସବୁଠାରୁ ଭାଗ୍ୟବତୀ ମନେକଲା। ସେ ଅନୁଭବ କଲା ଯେ ଜୀବନରେ ପ୍ରକୃତ ପ୍ରେମ, ବିପଦ ସମୟରେ ପରସ୍ପରକୁ ସହଯୋଗ କରିବା ଏବଂ ଅକୁଣ୍ଠ ବିଶ୍ୱାସ ହିଁ ସଂସାରକୁ ସବୁଠାରୁ ସୁନ୍ଦର କରି ଗଢ଼ିତୋଳେ।

ସମୟ ଚକ ବୁଲିବା ସହ ଲିପ୍ସା ଓ ଶିବଙ୍କ ସମ୍ପର୍କ ଅଫିସ୍ ଓ ଆପାର୍ଟମେଣ୍ଟର ସୀମା ପାର ହୋଇ ଦୁଇଟି ପରିବାର ମଧ୍ୟରେ ଏକ ମଧୁର ସେତୁ ସଦୃଶ ଗଢ଼ିଉଠିଲା। ଶିବଙ୍କର ସେହି ଦିନର ସାହସିକତା ଓ ଦାୟିତ୍ୱବାନ ପ୍ରକୃତିକୁ ଲିପ୍ସାର ବାପା-ମୋଉ କେବେହେଲେ ଭୁଲିପାରି ନଥିଲେ। ସେମାନେ ଅନୁଭବ କରିଥିଲେ ଯେ ଯେଉଁ ସନ୍ତାନ ବିପଦ ସମୟରେ ଅନ୍ୟମାନଙ୍କ ପାଇଁ ପ୍ରାଚୀର ସାଜି ଛିଡ଼ା ହୋଇପାରେ, ସିଏ କଦାପି କାହାର ବିଶ୍ୱାସ ଭାଙ୍ଗିବ ନାହିଁ। ଦୁଇ ପରିବାରର ସମ୍ମତି ଓ ପରମ ଆନନ୍ଦ ମଧ୍ୟରେ ଦୁହିଁଙ୍କର ବିବାହ ଉତ୍ସବ ସମ୍ପନ୍ନ ହେଲା। ବିବାହ ପରେ ଚତୁର୍ଥ ଓ ପଞ୍ଚମ ମହଲାର ସେହି ପାରମ୍ପରିକ ଦୂରତା ସଦାଦିନ ପାଇଁ ମିଳେଇଗଲା ଏବଂ ସେହି ଘର ଏକ ସୁନ୍ଦର ହସକାନ୍ଦର ସଂସାରରେ ପରିଣତ ହେଲା।

ଲିପ୍ସା ଏବେ ବି ସେହି ବାଲକୋନିରେ ଛିଡ଼ା ହୁଏ, ମାତ୍ର ଏବେ ସେ ଏକୁଟିଆ ନଥାଏ; ତା' ସହ ଶିବ ମଧ୍ୟ ସେହି ସୂର୍ଯ୍ୟାସ୍ତର ସବୁଜିମାକୁ ଉପଭୋଗ କରନ୍ତି। ଜୀବନର ପ୍ରତିଟି ଛୋଟ ଛୋଟ ଘଟଣା ଯେ କେତେବେଳେ କାହାର ଭାଗ୍ୟ ବଦଳାଇ ଦେଇପାରେ, ଏହା ତାଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ ଥିଲା। ସେହି ଲିଫ୍ଟର ଅନ୍ଧାର କୋଠରିରୁ ଆରମ୍ଭ ହୋଇଥିବା କାହାଣୀଟି ଆଜି ସେମାନଙ୍କ ଜୀବନର ସବୁଠାରୁ ଆଲୋକିତ ଅଧ୍ୟାୟ ସାଜିଥିଲା। ପ୍ରକୃତ ପ୍ରେମ, ସହଯୋଗ, ସଙ୍କଟ ସମୟରେ ଅଟଳ ଧୈର୍ଯ୍ୟ ଏବଂ ପରସ୍ପର ପ୍ରତି ଥିବା ଅକୁଣ୍ଠ ବିଶ୍ୱାସ ହିଁ ସଂସାରର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ଦୁହେଁ ମର୍ମେ ମର୍ମେ ଅନୁଭବ କଲେ। ଏହା ହିଁ ଥିଲା ସେମାନଙ୍କ ଜୀବନର ସେହି ସ୍ୱପ୍ନିଳ ଓ ସ୍ୱର୍ଣ୍ଣଶ୍ରେଷ୍ଠ ପରିଣତି, ଯାହା ସେହି ଆପାର୍ଟମେଣ୍ଟର ଇତିହାସରେ ସଦାଦିନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଗଲା।

ବିବାହର କିଛି ବର୍ଷ ପରେ ମଧ୍ୟ ସେମାନଙ୍କ ଜୀବନର ସେହି ପ୍ରେମ ଓ ବିଶ୍ୱାସ ଅକ୍ଷୁଣ୍ଣ ରହିଥିଲା। ଆପାର୍ଟମେଣ୍ଟର ସେହି ପୁରୁଣା ଦିନଗୁଡ଼ିକ ଏବେ ସେମାନଙ୍କ ପାଇଁ ଏକ ମଧୁର ସ୍ମୃତିର ସ୍ମାରକୀ ପାଲଟିଯାଇଥିଲା। ଲିପ୍ସା ଓ ଶିବ ପ୍ରତିବର୍ଷ ସେହି ନିର୍ଦ୍ଦିଷ୍ଟ ଦିନକୁ ମନେପକାଇ ଆପାର୍ଟମେଣ୍ଟର ସମସ୍ତ ପଡ଼ୋଶୀ ଏବଂ ସେଦିନ ସାହାଯ୍ୟ କରିଥିବା ସେହି ମେକାନିକ୍‌କୁ ନିଜ ଘରକୁ ନିମନ୍ତ୍ରଣ କରନ୍ତି ଏବଂ ଏକ ଛୋଟ ଧନ୍ୟବାଦ ସଭାର ଆୟୋଜନ କରନ୍ତି। ଏହା କେବଳ ଏକ ଉତ୍ସବ ନଥିଲା, ବରଂ ଜୀବନର ସେହି ସଙ୍କଟ ସମୟରେ ମିଳିଥିବା ଶିକ୍ଷା ଓ ମଣିଷପଣିଆକୁ ସମ୍ମାନ ଜଣାଇବାର ଏକ ମାଧ୍ୟମ ଥିଲା। ସେହି ଆପାର୍ଟମେଣ୍ଟର ଚାରି କାନ୍ଥ ଭିତରେ ଆରମ୍ଭ ହୋଇଥିବା କାହାଣୀଟି ଆଜି ସାରା ସହରରେ ଏକ ଆଦର୍ଶ ପ୍ରେମ କାହାଣୀ ଭାବେ ପରିଚିତ ହୋଇସାରିଥିଲା।

ଶିବଙ୍କର ସରଳତା ଓ ଦାୟିତ୍ୱବୋଧ ଲିପ୍ସାକୁ ପ୍ରତିଦିନ ଏକ ନୂଆ ଜୀବନ ଜୀଇଁବାର ପ୍ରେରଣା ଦେଉଥିଲା। ସେମାନେ ନିଜ ଜୀବନର ପ୍ରତିଟି ନିଷ୍ପତ୍ତି ପରସ୍ପରର ସମ୍ମତି ଓ ଆଲୋଚନା ମାଧ୍ୟମରେ ନେଉଥିଲେ, ଯାହା ସେମାନଙ୍କ ସଂସାରକୁ ଆହୁରି ସୁଦୃଢ଼ କରିଥିଲା। ସେହି ଲିଫ୍ଟର ଅନ୍ଧାର କୋଠରି ଯେଉଁଠି ଦିନେ ଭୟ ଓ ଆଶଙ୍କା ଥିଲା, ଆଜି ସେଠାରେ ଏକ ନୂଆ ଆଲୋକର ସୂତ୍ରପାତ ହୋଇଥିଲା। ସେମାନଙ୍କର ଏହି ଅନାବିଳ ଭଲପାଇବା ଓ ପରସ୍ପର ପ୍ରତି ଥିବା ସମ୍ମାନ ହିଁ ସଂସାରର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ଦୁହେଁ ମର୍ମେ ମର୍ମେ ଅନୁଭବ କଲେ। ଏହା ହିଁ ଥିଲା ସେମାନଙ୍କ ଜୀବନର ସେହି ସ୍ୱପ୍ନିଳ ଓ ସ୍ୱର୍ଣ୍ଣଶ୍ରେଷ୍ଠ ପରିଣତି, ଯାହା ସେହି ଆପାର୍ଟମେଣ୍ଟର ଇତିହାସରେ ସଦାଦିନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଗଲା ଏବଂ ଆଗାମୀ ପିଢ଼ି ପାଇଁ ସ୍ନେହ ଓ ସହଯୋଗର ଏକ ନୂଆ ବାର୍ତ୍ତା ବହନ କଲା।

**ପଦ୍ମଜା ପରିଡ଼ା**
ଖୋର୍ଦ୍ଧା

## ସାଙ୍ଗ ରାଗିଛନ୍ତି ମିଛରେ



ସାତଦିନ ହେଲା କଥା ବାର୍ତ୍ତା ନାହିଁ
ସାଥିରେ ମୋର
ଯେତେବେଳେ ଗଲେ ଘରକୁ ତାଙ୍କର
ମାମା କହେ ପୁଅ ଯାଇଛି ଆମର
ରାମ ନା ଘର
ସାଙ୍ଗ ରାଗିଛନ୍ତି ମିଛରେ,
କଥା ସିନା ନାହିଁ ତାଙ୍କର, ମୋର
କଣେଇ ଚାହାନ୍ତି ପଛରେ ।
ସବୁ ନାଟ ସେଇ ମୋବାଇଲ୍ ଟିର
ଭାବୁଚି ମୁହିଁ
ଆଉ ବି ଭାବୁଚି ପଲ୍ଲୀଶିରୀ ଦିଦି
କଡ଼ା ନଜରରେ ରହନ୍ତି ଚାହିଁ
ସାଙ୍ଗ ରାଗିଛନ୍ତି ମିଛରେ,
ନହେଲେ କାହିଁକି ବାବାଙ୍କୁ କହନ୍ତେ
ମୋ କଥାକୁ ଶାଗ, ମାଛରେ ।
ସାଙ୍ଗ ପଢ଼ିଲେଣି ଦ୍ୱିତୀୟ ଶ୍ରେଣୀରେ
ଏଇ ବରଷ
ଦଶରୁ ଚାରି ହେଲାଣି ଇସ୍କୁଲ
ଭାତ ନେଲେଣି ସେ ଟିପିଣିରେ ବୋଲି
ମନ ହରଷ
ସାଙ୍ଗ ରାଗିଛନ୍ତି ମିଛରେ,
ବାଟେ ଯାଉଥିଲେ ଗାଡ଼ିରେ ମୁଁ କେବେ
ଡାକନ୍ତି ଲୁଚିକି ଗଛରେ।
ଆମ ଦୁହିଁଙ୍କର ସମୟ ବିତୁଛି
ସ୍ନେହ ପ୍ରେମରେ
କେତେବେଳେ ଯଦି ରାଗ ଲାଗେ ମତେ
ଷ୍ଟାଇଲ୍ ଜମୁଛି କେତେଦିନ ପାଇଁ
ଅଭିମାନରେ
ସାଙ୍ଗ ରାଗିଛନ୍ତି ମିଛରେ,
ଗାଡ଼ିରେ ଟିକିଏ ବୁଲେଇ ଆଣିଲେ
ରାଗ ଉଭେଇବ ଲାଞ୍ଚରେ।

ମାଧବ ଚନ୍ଦ୍ର ଦାଶ
କବି କୁଟୀର, ବ୍ରାହ୍ମଣକୁଶଡ଼ିହ,
ଆଙ୍କୁଲାଚଟୀ, ଖୋର୍ଦ୍ଧା
ଶୂନ୍ୟଭାଷ-୯୩୪୮୯୧୬୭୮୭

## ଭାଙ୍ଗିବାର ଥିଲା

ଏମିତି ବୋଧେ ଭାଙ୍ଗିବାର ଥିଲା
ତୋ ମୋ ସମ୍ପର୍କ
କିଛି କଥାରେ
ଆଉ କିଛି ନିରବତାରେ
କିଛି ଘଟିଥିଲା ଲୋକ ଗହଣରେ
କିଛି ଶେଷ ହେଲା ଚାରି କାନ୍ଥରେ।
ଏମିତି ବୋଧେ ଭାଙ୍ଗିବାର ଥିଲା
ତୋ ମୋ ସମ୍ପର୍କ
କିଛି ତୋ ଅହଙ୍କାରରେ
ଆଉ କିଛି ମୋ ଅଭିମାନରେ
କିଛି ତ ଦାମ୍ଭିକ ପଣରେ
ଆଉ କିଛି ମୋ ଅପେକ୍ଷାରେ।

**ପୂର୍ଣ୍ଣିମା ଲେଙ୍କା**
ଗବେଷଣା ରତ ଛାତ୍ରୀ
ଆଇ. ଆଇ. ଟି,ଧାନବାଦ

ଜାତୀୟ ଚେତନା
JATIYA CHETANA



## ଫିଫା ବିଶ୍ୱକପ୍: ପାରାଗୁଏ ଓ କାନାଡ଼ା ବିଦା

# କ୍ୱାର୍ଟର୍ ଫାଇନାଲ୍‌ରେ ଫ୍ରାନ୍ସ-ମରକ୍କୋ



ଫିଲାଡେଲ୍‌ଫିଆ, ହ୍ୟୁଷ୍ଟନ୍,(ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ ନକ୍‌ଆଉଟ୍ ମୁକାବିଲା ଏବେ ରୋମାଞ୍ଚକର ମୋଡ଼ରେ ପହଞ୍ଚିଛି। ରାଉଣ୍ଡ୍ ଅଫ୍-୧୬ ମ୍ୟାଚ୍‌ରେ ଫ୍ରାନ୍ସ ଓ ମରକ୍କୋ ବିଜୟ ହାସଲ କରି କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ତେବେ ଦୁଇ ଟିମ୍‌ର ବିଜୟ ସହଜ ନଥିଲା। ପାରାଗୁଏ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଫ୍ରାନ୍ସକୁ କଡ଼ା ଚ୍ୟାଲେଞ୍ଜ୍ କରିଥିବା ବେଳେ ମରକ୍କୋ ଦ୍ୱିତୀୟ ହାଫ୍‌ରେ ଚମତ୍କାର ଖେଳ ଦେଖାଇ ସହ-ଆୟୋଜକ କାନାଡାର ସ୍ୱପ୍ନ ଭାଙ୍ଗି ଦେଇଛି।

ଫିଲାଡେଲ୍‌ଫିଆରେ ରବିବାର ସକାଳେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଫ୍ରାନ୍ସ ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ଜର୍ମାନୀକୁ ଶୁଟ୍‌ଆଉଟ୍‌ରେ ହରାଇ ରାଉଣ୍ଡ୍ ଅଫ୍-୧୬ରେ ପ୍ରବେଶ କରିଥିବା ପାରାଗୁଏ ପୂରା ପ୍ରଥମ ହାଫ୍‌ରେ ଫ୍ରାନ୍ସର ଷ୍ଟାର୍ ଖେଳାଳିମାନଙ୍କୁ ଖୋଲା ଖେଳର ସୁଯୋଗ ଦେଇନଥିଲା। ଦ୍ୱିତୀୟ ହାଫ୍‌ରେ ଫ୍ରାନ୍ସ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଉସ୍‌ମାନ୍ ଡେମ୍ବେଲେ ଏବଂ ମାନୁ କୋନେ ଲଗାତାର ଚାପ ସୃଷ୍ଟି କରିଥିଲେ। ଶେଷରେ ୬୯ତମ ମିନିଟ୍‌ରେ ଭଏଆର୍ ସମୀକ୍ଷା ପରେ ଫ୍ରାନ୍ସକୁ ପେନାଲ୍ଟି ମିଳିଥିଲା। ଷ୍ଟାର୍ ଷ୍ଟ୍ରାଇକର୍ କିଲିୟନ୍ ଏମ୍‌ବାପ୍ପେ ବିନା କୌଣସି ତ୍ରୁଟିରେ ଗୋଲ୍ କରିଥିଲେ, ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଏହା ସହିତ ଫ୍ରାନ୍ସ ଅଷ୍ଟମ ଥର ପାଇଁ ବିଶ୍ୱକପ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ପରବର୍ତ୍ତୀ ରାଉଣ୍ଡ୍‌ରେ ଫ୍ରାନ୍ସ ଜୁଲାଇ ୯ ତାରିଖ ରାତିରେ ମରକ୍କୋକୁ ଭେଟିବ। ମ୍ୟାଚ୍‌ରେ ଚମତ୍କାର ଗୋଲ୍‌କିପିଂ ପାଇଁ ପରାଜିତ ଟିମ୍‌ର ଓରାଲାଣ୍ଡୋ ଗିଲ୍ ସୁପରିୟର୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ହୋଇଛନ୍ତି।

ଏମ୍‌ବାପ୍ପେଙ୍କ ଏହା ଟୁର୍ଣ୍ଣାମେଣ୍ଟରେ ସପ୍ତମ ଗୋଲ୍ ଥିଲା ଏବଂ ଏହା ସହିତ ସେ ଗୋଲ୍‌ଡେନ୍ ବୁଟ୍ ଦୌଡ଼ରେ ଲିଓନେଲ୍ ମେସିଙ୍କ ସମକକ୍ଷ ହୋଇଛନ୍ତି। ସେହିପରି ବିଶ୍ୱକପ୍ ନକ୍‌ଆଉଟ୍ ରାଉଣ୍ଡ୍‌ରେ ଏହା ତାଙ୍କର ରେକର୍ଡ ଏକାଦଶ ଏବଂ ବିଶ୍ୱକପ୍‌ରେ ମୋଟ ୧୯ ଗୋଲ୍। ସେ ଏବେ ମେସିଙ୍କ ସର୍ବାଧିକ ଗୋଲ୍ ରେକର୍ଡଠାରୁ ଗୋଟିଏ ଗୋଲ୍ ପଛରେ ରହିଛନ୍ତି।

ଅନ୍ୟପକ୍ଷରେ ହ୍ୟୁଷ୍ଟନ୍‌ରେ ଶନିବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମରକ୍କୋ ସହ-ଆୟୋଜକ କାନାଡାକୁ ୩-୦ ଗୋଲ୍‌ରେ ହରାଇ ଲଗାତାର ଦ୍ୱିତୀୟ ଥର ବିଶ୍ୱକପ୍ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ଏହା ସହିତ ଦ୍ୱିତୀୟ ଥର କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିବାରେ ପ୍ରଥମ ଆଫ୍ରିକୀୟ ଦେଶ ହୋଇଛି। ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା କାନାଡା ମ୍ୟାଚ୍ ପ୍ରାରମ୍ଭକୁ ଆଟାକିଂ ଫୁଟ୍‌ବଲ୍ ଖେଳି ଅନେକ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଗୋଲ୍‌କିପର୍ ୟାସିନ୍ ବୁନୁ ଚମତ୍କାର ସେଭ୍ କରିଥିଲେ।

ଦ୍ୱିତୀୟ ହାଫ୍‌ରେ ମରକ୍କୋର ଖେଳ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ୫୦ତମ ମିନିଟ୍‌ରେ ଅଜ୍ଜେଦିନ୍ ଉନାହି ଆକର୍ଷଣୀୟ ଗୋଲ୍ କରି ଟିମ୍‌କୁ ଆଗୁଆ କରିଥିଲେ। ଏହାପରେ କାନାଡା ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିଲେ ବି ମରକ୍କୋର ଦ୍ରୁତ ଜବାବୀ ଆକ୍ରମଣ ଟିମ୍‌ର ଆଶାରେ ପାଣି ପକାଇ ଦେଇଥିଲା। ୮୨ତମ ମିନିଟ୍‌ରେ ଉନାହି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ମରକ୍କୋ ବିଜୟ ପ୍ରାୟ ନିଶ୍ଚିତ କରିଦେଇଥିଲେ। ଇନ୍‌ଜୁରୀ ଟାଇମ୍‌ରେ ସୁଫିୟାନ୍ ରହିମି ତୃତୀୟ ଗୋଲ୍ ଦେଇ ବିଜୟକୁ ଆହୁରି ସ୍ମରଣୀୟ କରିଦେଇଥିଲେ। ଆକର୍ଷଣୀୟ ଦୁଇଟି ଗୋଲ୍ ପାଇଁ ଉନାହିଙ୍କୁ ସୁପରିୟର୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ମନୋନୀତ କରାଯାଇଥିଲା।

# ୧୦ ୱିକେଟ୍‌ରେ ହାରିଲା ଶ୍ରୀଲଙ୍କା-ଏ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତ-ଏ’ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ୍‌ରେ ଶ୍ରୀଲଙ୍କା-ଏ’କୁ ୧୦ ୱିକେଟ୍‌ରେ ହରାଇ ଦୁଇ ମ୍ୟାଚ୍‌ର ସିରିଜ୍ ୧-୦ରେ ନିଜ ନାମରେ କରିଛି। ରବିବାର ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ମ୍ୟାଚ୍‌ର ଚତୁର୍ଥ ଏବଂ ଅନ୍ତିମ ଦିନ ଫାଷ୍ଟ୍ ବୋଲର୍ ଗୁରନୁର ବ୍ରାର୍ ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍ ନେଇ ମ୍ୟାଚ୍‌ରେ ମୋଟ ୧୦ ୱିକେଟ୍ ପୂରା କରିଥିଲେ। ପ୍ରଥମ ଇନିଂସ୍‌ରେ ୧୬୮ ରନ୍ କରିଥିବା ସାଇ ସୁଦର୍ଶନ ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ଅପରାଜିତ ୨୫ ରନ୍ କରିଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଡ୍ର’ ରହିଥିଲା।

ଭାରତ-ଏ’ ଚତୁର୍ଥ ଦିନ ୫୪୧/୮ ସ୍କୋର୍‌ରୁ ଖେଳ ଆରମ୍ଭ କରିଥିଲା। ମାତ୍ର ୯ ବଲ୍ ଖେଳିବା ପରେ ୟଶ୍ ଠାକୁରଙ୍କ ଆଉଟ୍ ହେବା ମାତ୍ରେ ହିଁ ୫୪୩/୯ରେ ଇନିଂସ୍ ଘୋଷଣା କରିଥିଲା। ସାରାଂଶ ଜୈନ ୭୦ ରନ୍ କରି ଅପରାଜିତ ଫେରିଥିବା ବେଳେ ଆହତ ଋତୁରାଜ ଗାଏକ୍‌ୱାଡ୍ ବ୍ୟାଟିଂ ପାଇଁ ଆସିନଥିଲେ। ପ୍ରଥମ ଇନିଂସ୍ ଆଧାରରେ ଭାରତ-ଏ’କୁ ୧୭୭ ରନ୍‌ର ଅଗ୍ରଣୀ ମିଳିଥିଲା। ଶ୍ରୀଲଙ୍କା-ଏ’ ପ୍ରଥମ ଇନିଂସ୍‌ରେ ୩୬୬ ରନ୍ କରିଥିଲା।

ଶ୍ରୀଲଙ୍କା-ଏ’ର ଆରମ୍ଭ ବହୁ ଖରାପ ଥିଲା। ବ୍ରାର୍ ପ୍ରାରମ୍ଭିକ ତିନି ଓଭର୍‌ରେ ସୋହନ ଡି ଲିଭେରା ଓ ନୁୱାନିଡୁ ଫର୍ଣ୍ଣାଣ୍ଡୋଙ୍କୁ ଆଉଟ୍ କରିଥିଲେ। ସେହିପରି ପବନ୍ଥା ବୀରସିଂଘେଙ୍କ ୱିକେଟ୍ ଆକିବ୍ ନବୀ ନେଇଥିଲେ। ଟିମ୍ ମାତ୍ର ୯ ରନ୍‌ରେ ୩ ୱିକେଟ୍ ହରାଇଥିଲା। ତେବେ ଏହାପରେ ଅଶେନ ବଣ୍ଡାରା ଦ୍ରୁତ ବ୍ୟାଟିଂ କରି ୪୭ ବଲ୍‌ରେ ଅର୍ଦ୍ଧଶତକ ପୂରା କରିଥିଲେ। କେତେକ ଭଲ ଶଟ୍ ଖେଳିଥିବା କ୍ୟାପ୍‌ଟେନ୍ ସହାନ୍ ଅରାଚିଗେଙ୍କୁ ୟଶ୍ ଠାକୁର ପ୍ୟାଭିଲିୟନ୍ ଫେରାଇଥିଲେ। ତେବେ ଗୁରନୁର ବ୍ରାର୍ ଲଞ୍ଚ୍ ପରେ ଅଶେନ ବଣ୍ଡାରା (୮୭) ଆଉଟ୍ କରିଥିଲେ। କେଶରା ନୁୱାନ୍ଥା (୨୬) ଓ ଦିଲୁମ ସୁନୀରା (୨୧) ସଂଘର୍ଷ କରିଥିଲେ ମଧ୍ୟ ଲଗାତାର ୱିକେଟ୍ ପତନ ଘଟିଥିଲା। ସାରାଂଶ ଜୈନ ମଧ୍ୟ ଦୁଇଟି ୱିକେଟ୍ ନେଇଥିଲେ। ଶେଷରେ ସୁଦୀରା ଓ ଦୁଲାଜ ସମୁଦ୍ଧିତାଙ୍କୁ ଆଉଟ୍ କରି ଗୁରନୁର ୬ ୱିକେଟ୍ ପୂରଣ କରିଥିଲେ। ଶ୍ରୀଲଙ୍କା-ଏ’ ଦ୍ୱିତୀୟ ଇନିଂସ୍‌ରେ ୨୦୯ ରନ୍ କରିଥିଲା।

# ସ୍ୱିଆଟେକ୍‌ଙ୍କୁ ବିଦାକଲେ ୨୧ ବର୍ଷୀୟା ଇଲା

ଲଣ୍ଡନ,(ଏଜେନ୍ସି): ୱିମ୍ବଲଡନ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅଲ୍ ଇଂଲଣ୍ଡ କ୍ଲବ୍‌ର ସେଣ୍ଟର୍ କୋର୍ଟରେ ଫିଲିପାଇନ୍ସର ୨୧ ବର୍ଷୀୟା ଆଲେକ୍‌ଜାଣ୍ଡ୍ରା ଇଲା ଡିଫେଣ୍ଡିଂ ଚାମ୍ପିଅନ୍ ଏବଂ ବିଶ୍ୱର ନମ୍ବର-୩ ଖେଳାଳି ଇଗା ସ୍ୱିଆଟେକ୍‌ଙ୍କୁ ୭-୬(୯), ୬-୨ ସିଧା ସେଟ୍‌ରେ ହରାଇ ଟୁର୍ଣ୍ଣାମେଣ୍ଟ୍‌ରୁ ବାହାର କରିଛନ୍ତି। ଏହା ସହିତ କୌଣସି ଗ୍ରାଣ୍ଡ୍‌ସ୍ଲାମ୍ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିବାରେ ଇଲା ଫିଲିପାଇନ୍ସର ପ୍ରଥମ ଖେଳାଳି ହୋଇଛନ୍ତି। ମ୍ୟାଚ୍ ଜିତିବା ପରେ ଇଲା କୋର୍ଟରେ ଆଣ୍ଠୁମାଡ଼ି ବସିବା ସହିତ ଭାବୁକ ହୋଇପଡ଼ିଥିଲେ। ସେ କହିଥିଲେ, ‘ନିଜ ଦେଶର ଲୋକଙ୍କ ସମର୍ଥନ ମୋ ପାଇଁ ବହୁ ଖାସ୍। ଏହି ବିଜୟ ମୁଁ ମୋ ପରିବାର ଏବଂ ଫିଲିପାଇନ୍ସର ସମସ୍ତ ଝୋଟ ଝିଅଙ୍କୁ ସମର୍ପିତ କରୁଛି।’ ସୂଚନାଯୋଗ୍ୟ, ତିନି ବର୍ଷ ତଳେ ଫ୍ରେଞ୍ଚ୍ ଓପନ୍ ଜିତିବା ପରେ ସ୍ୱିଆଟେକ୍ ରାଫେଲ୍ ନାଡାଲ୍‌ଙ୍କ ଏକାଡେମୀ ଯାଇ ସେଠାରେ ଗ୍ରାଜୁଏସନ୍ କରୁଥିବା ଇଲାଙ୍କୁ ଡିପ୍ଲୋମା ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଇଲାଙ୍କୁ କହିଥିଲେ, ଯାହା ବି କର, ସେଥିରେ ନିଜର ଶତପ୍ରତିଶ ଦେବ। ମହିଳା ସିଙ୍ଗଲ୍ସର ଅନ୍ୟ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ଏବଂ ୨୦୨୨ ଚାମ୍ପିଅନ୍ ଏଲିନା ରିବାକିନାଙ୍କୁ ବେଲ୍‌ଜିୟମ୍‌ର ଏଲିସ୍ ମର୍ଟେନ୍ସ ୭-୬(୭-୪), ୬-୧ରେ ହରାଇଛନ୍ତି।

# ମା’ କଥା ମାନିବି



## ବିଭୁଦତ୍ତ ଦାଶ (ସୋହନ)



ଦିନେ ଗୋଟିଏ କୁନି ଛେଳି ତା’ ମା’ ବାପାଙ୍କ ସହିତ ନୂଆ କରି ଜଙ୍ଗଲକୁ ଚରିବାକୁ ଗଲା। ପାହାଡ଼ ତଳେ ଗଛଗୁଡ଼ିକର କଅଁଳିଆ ପତ୍ର ଖାଇଲା।

ଖୁସିରେ ଖପ୍ ଖାପ୍ ହୋଇ ଡେଇଁଲା। ମନରେ କଅଣ ଭାବିଲା କେଜାଣି, ତା’ ମା’କୁ କହିଲା – ମା’ଲୋ ମା’, ମୁଁ ପାହାଡ଼ ଉପରକୁ ଟିକେ ଯିବି। ଚରି ବୁଲି ଶୀଘ୍ର ଫେରି ଆସିବି। କୁନି ଛୁଆ ହେତୁ ମା’ ତାକୁ ମନାକଲା। କହିଲା – ତୁ ବଡ଼ ହୁଅ ମନଇଚ୍ଛା ଯେତେ ପାରିବୁ ସେତେ ବୁଲିବୁ,ଚରିବୁ। କୁନି ଛେଳି ର ମନ ଭାରି ଦୁଃଖ ହେଲା।

କିଛି ସମୟ ପରେ କୁନି ଛେଳି ବାପା,ମା’ଙ୍କୁ ନଜଣେଇ ସିଧା ଯାଇ ପାହାଡ଼ର ଶିଖରେ ହାଜର। ମା’,ବାପା ଦୁହେଁ କୁନି ଛେଳିକୁ ଖୋଜି ଖୋଜି ମନ ଦୁଃଖରେ ପାହାଡ଼ ତଳେ ଗୋଟିଏ ପଥର ଉପରେ ବସିଥାଆନ୍ତି।

କୁନି ଛେଳି ପାହାଡ଼ ଉପରେ ମନ ମଉଜରେ କଅଁଳିଆ ପତ୍ରସବୁ ଖାଉଥିବା ସମୟରେ ପଡ଼ିଲା ଗୋଟେ ମହାବଳ ବାଘ ହାବୁଡ଼ରେ। ବାଘର ରଡ଼ି ଶୁଣି କୁନି ଛେଳି ର ପିଳେହି ପାଣି। ବାଘ କହିଲା – ଏ ପିଲା ମୁଁ ତତେ ଖାଇବି, ବହୁତ ଦିନ ହେଲା ମୁଁ ଭୋକରେ ଅଛି। ଏହି ସମୟରେ ବାଘର ଛୁଆ ବାଘକୁ ପଛରୁ ଡାକିବାରୁ ବାଘ ଅନ୍ୟମନସ୍କ ହୋଇଗଲା। ଠିକ୍ ଏତିକିବେଳେ କୁନି ଛେଳି ଗୋଟେ ଡିଆଁରେ ଆସି ଗୋଟିଏ ବୁଦା ରେ ଲୁଚିଗଲା। ବାଘ ତାକୁ ନପାଇ ବିରକ୍ତ ହୋଇ ଫେରିଗଲା।

କୁନି ଛେଳିଟି ତା’ପରେ ଧୀରେ ଧୀରେ ବାପା,ମା’ପାଖକୁ ସଂଧ୍ୟାବେଳକୁ ଆସି ପହଞ୍ଚିଲା। ବାଟରେ ଭାବୁଥିଲା – ମା’ କଥା ନ ମାନିବାରୁ ସିନା ଏମିତି ବିପଦରେ ପଡ଼ିଥିଲି। ଆଜିଠାରୁ ମୁଁ ମା’ କଥା ନିଶ୍ଚୟ ମାନିବି। ବାପା,ମା’ଙ୍କୁ ପଚାରି ସବୁ କାମ କରିବି।

*୬ଷ୍ଠ ଶ୍ରେଣୀ,(କବି କୁଟୀର,ସୁବୁଦ୍ଧିପାଟଣା,)*
*ପି.ଏମ୍. ଶ୍ରୀ ପଞ୍ଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲାଚଟୀ, ଖୋର୍ଦ୍ଧା*

# ଚାଷୀ କୁଳ ହେଲେ ହତାଶ !



ଚାଷୀ କୁଳ ହେଲେ ହତାଶ !
ସରିଗଲା ଆମ୍ବ, ପଣସ
ଚାରିଆଡ଼େ ଖାଲି ଭୟଙ୍କର ତାପ
ସତେ କି ବୈଶାଖ ମାସ !
ଚାଷୀ କୁଳ ହେଲେ ହତାଶ !
ଥମିଗଲା ବାଆ ବତାସ
ସଭିଙ୍କ ତୁଣ୍ଡରେ ଗୋଟିଏ କଥା
ଆଉ କି ହୋଇବ ଚାଷ !
ଚାଷୀ କୁଳ ହେଲେ ହତାଶ !
ଦେଖୁ ଦେଖୁ ଯିବ ଆଷାଢ଼ ମାସ
ମନେ ବଢ଼ିଗଲା ଚିନ୍ତା ଅଶେଷ
ଆଉ କି ଆସିବ ବରଷା ମାସ !
ଚାଷୀ କୁଳ ହେଲେ ହତାଶ !
ନଈ ନାଳ ପାଣି ହୋଇଲା ଶେଷ
ବୁଣା ଧାନ ସବୁ ହୋଇବ ଶେଷ
ଉଠିବନି କିଛି ବାଳୁଙ୍ଗା ଘାସ।
ଚାଷୀ କୁଳ ହେଲେ ହତାଶ !
କାହାରି ମୁହଁରେ ନ ଫୁଟେ ହସ
ଅଚ୍ୟୁତ ମାଳିକା ହେବ କି ସତ
କଳିଯୁଗ ସତେ ହୋଇବ ଶେଷ !

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼
ମୋ: ୯୯୩୮୦୯୯୪୯୬

ଜାତୀୟ ଚେତନା
JATIYA CHETANA



# ବହୁ ବିବାଦ ପରେ ପରଦାକୁ ଆସିଲା ଦିଲ୍‌ଜିତ୍‌ଙ୍କ ଚଳଚ୍ଚିତ୍ର




ଦୀର୍ଘ ତିନି ବର୍ଷର ଆଇନଗତ ବିବାଦ ଏବଂ କଟକଣା ପରେ ଶେଷରେ ଜନପ୍ରିୟ ଅଭିନେତା ଦିଲଜିତ ଦୋସାଞ୍ଜଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ତେବେ ଏହି ଚଳଚ୍ଚିତ୍ରଟି ନିଜର ପୂର୍ବ ନିର୍ଦ୍ଧାରିତ ନାମ 'ପଞ୍ଜାବ ୯୫' ବଦଳରେ ଏକ ନୂତନ ଶୀର୍ଷକ 'ସତଲୁଜ୍' ସହିତ ପ୍ରସାରିତ ହୋଇଛି। କୌଣସି ଆନୁଷ୍ଠାନିକ ପ୍ରଚାର ପ୍ରସାର ବିନା ଜୁଲାଇ ୩ ତାରିଖ ସନ୍ଧ୍ୟାରେ ଏହାକୁ ସିଧାସଳଖ ଜୀ-୫ ନାମକ ଆନ୍ତର୍ଜାଲିକ ପ୍ରସାରଣ ମଞ୍ଚରେ ହିନ୍ଦୀ ଭାଷାରେ ମୁକ୍ତିଲାଭ କରାଯାଇଛି। ହନି ତ୍ରେହାନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଦିଲଜିତଙ୍କ ସହ ଅର୍ଜୁନ ରାମପାଲ, କନୱଲଜିତ୍ ସିଂ, ସୁବିନ୍ଦର ଭିକି ଏବଂ ଗୀତିକା ବିଦ୍ୟା ଓହଲ୍ୟାନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

ଏହି ସିନେମାର କାହାଣୀ ପ୍ରସିଦ୍ଧ ମାନବାଧିକାର କର୍ମୀ ତଥା ପୂର୍ବତନ ବ୍ୟାଙ୍କ ପରିଚାଳକ ଜସୱନ୍ତ ସିଂ ଖାଲରାଙ୍କ ସତ୍ୟ ଜୀବନୀ ଉପରେ ଆଧାରିତ। ପଞ୍ଜାବରେ ଆତଙ୍କବାଦ ସମୟରେ ଘଟିଥିବା ହଜାର ହଜାର ଲୋକଙ୍କ ରହସ୍ୟମୟ ନିଖୋଜ ଏବଂ ବେଆଇନ ହତ୍ୟାକାଣ୍ଡର ସଙ୍କୋଟ ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଛି। ଆତଙ୍କ, ରାଜନୈତିକ ହିଂସା ଏବଂ ଭୟର ପରିବେଶ ମଧ୍ୟରେ ଜଣେ ସାଧାରଣ ବ୍ୟକ୍ତି କିଭଳି ଏକ ଶକ୍ତିଶାଳୀ ବ୍ୟବସ୍ଥା ବିରୁଦ୍ଧରେ ଠିଆ ହୋଇଥିଲେ, ତାହା ଏଥିରେ ବର୍ଣ୍ଣିତ। ପ୍ରାୟ ପଚିଶି ହଜାରରୁ ଅଧିକ ନିଖୋଜ ଲୋକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଜସୱନ୍ତ କରିଥିବା ଦଶନ୍ଧି ଧରି ସଂଘର୍ଷ ଏବଂ ସେଥିପାଇଁ ସେ ଦେଇଥିବା ଚରମ ବଳିଦାନକୁ ଏହି ଚଳଚ୍ଚିତ୍ରରେ ସ୍ଥାନ ଦିଆଯାଇଛି। ତେବେ ଏହି ସମ୍ବେଦନଶୀଳ କାହାଣୀ ଯୋଗୁଁ ଚଳଚ୍ଚିତ୍ରଟି କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ନିକଟରେ ଦୀର୍ଘ ୩୬ ମାସ ଧରି ଫସି ରହିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ନାମ ଶିଖ୍ ନରସଂହାର ସହ ଜଡ଼ିତ ଏକ ଐତିହାସିକ ଶବ୍ଦ 'ଘଲୁଘରା' ରଖାଯାଇଥିଲା। ସେସମୟରେ ପ୍ରମାଣପତ୍ର ଆବେଦନ କରିବା ପରେ ବୋର୍ଡର ନିର୍ଦ୍ଦେଶକ୍ରମେ ଏହାର ନାମ ବଦଳାଇ 'ପଞ୍ଜାବ ୯୫' କରାଯାଇଥିଲା। ଏହି ନିଷ୍ପତ୍ତି ବିରୁଦ୍ଧରେ ପ୍ରଯୋଜନା ସଂସ୍ଥା ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ବିବାଦ କାରଣରୁ ଏହାକୁ ପୂର୍ବରୁ ଟୋରଣ୍ଟୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରୁ ମଧ୍ୟ ପ୍ରତ୍ୟାହାର କରିବାକୁ ପଡ଼ିଥିଲା। ଶେଷରେ ପ୍ରମାଣନ ବୋର୍ଡ ପକ୍ଷରୁ ଏଥିରେ ଆଶ୍ଚର୍ଯ୍ୟଜନକ ଭାବେ ୧୨୭ଟି ସ୍ଥାନରେ କାଟଛାଣ୍ଟ ଓ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ସୁପାରିଶକୁ ଗ୍ରହଣ କରାଯାଇ ସିନେମାଟିର ନାମ ପୁନର୍ବାର ପରିବର୍ତ୍ତନ କରାଯାଇ 'ସତଲୁଜ୍' ରଖାଯିବା ପରେ ଏହାର ପ୍ରସାରଣ ପାଇଁ ଅନୁମତି ମିଳିଛି। ଏହି ସମସ୍ତ ବାଦ-ବିବାଦ ଏବଂ ବଡ଼ ଧରଣର କାଟଛାଣ୍ଟ ପରେ ବି ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ସିନେପ୍ରେମୀ ଓ ମାନବାଧିକାର କର୍ମୀଙ୍କ ମଧ୍ୟରେ ଏକ ନୂଆ ଆଶା ସଞ୍ଚାର କରିଛି। ସେନ୍ସର ବୋର୍ଡର କଟକଣା ଯୋଗୁଁ କାହାଣୀର କିଛି ଅଂଶ ପ୍ରଭାବିତ ହୋଇଥିଲେ ହେଁ, ଜସୱନ୍ତ ସିଂହ ଖାଲରାଙ୍କ ସେହି ସାହସିକ ସଂଗ୍ରାମର ମୂଳ ଆତ୍ମାକୁ ଏଥିରେ ସଂରକ୍ଷିତ ରଖିବାକୁ ଚେଷ୍ଟା କରାଯାଇଛି। କୌଣସି ବଡ଼ ଧରଣର ପ୍ରଚାର ପ୍ରସାର କିମ୍ବା ପ୍ରେକ୍ଷାଳୟର ସାହାଯ୍ୟ ନନେଇ ସିଧାସଳଖ ଓଟିଟି ପ୍ଲାଟଫର୍ମ ଜୀ-୫ରେ ଏହାକୁ ରିଲିଜ୍ କରାଯିବା ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶେଷଜ୍ଞଙ୍କ ମତରେ, ବିବାଦରୁ ଦୂରେଇ ରହି ଶାନ୍ତିପୂର୍ଣ୍ଣ ଭାବେ ଦର୍ଶକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଯୋଜନା ସଂସ୍ଥା ଏଭଳି ଏକ ମାଧ୍ୟମ ଆପଣାଇଛି। ଜୁଲାଇ ୩ ତାରିଖ ସନ୍ଧ୍ୟାରେ ଏହାର ପ୍ରସାରଣ ଆରମ୍ଭ ହେବା ପରଠାରୁ ସାମାଜିକ ଗଣମାଧ୍ୟମରେ 'ସତଲୁଜ୍'କୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ଆନ୍ତର୍ଜାତିକ ପ୍ରସାରଣ ମଞ୍ଚରେ ହଲିଉଡର ଚର୍ଚ୍ଚିତ ଚଳଚ୍ଚିତ୍ର 'ଓବସେସନ୍'



ମାତ୍ର ୨୦ ବର୍ଷୀୟ ଜନପ୍ରିୟ ୟୁଟ୍ୟୁବ୍ ଭିଡିଓ ନିର୍ମାତା କରି ବାର୍କରଙ୍କ ନିର୍ଦ୍ଦେଶିତ ପ୍ରଥମ ହଲିଉଡ୍ ଚଳଚ୍ଚିତ୍ର 'ଓବସେସନ୍' ପ୍ରେକ୍ଷାଳୟରେ ଅଭୁତପୂର୍ବ ସଫଳତା ହାସଲ କରିବା ପରେ ଏବେ ଆନ୍ତର୍ଜାତିକ ପ୍ରସାରଣ ମଞ୍ଚରେ ମୁକ୍ତିଲାଭ କରିଛି। ମେ ମାସ ମଧ୍ୟଭାଗରେ ସାରା ବିଶ୍ୱର ବଡ଼ ପରଦାରେ ପ୍ରସାରିତ ହୋଇଥିବା ଏହି ଅଲୌକିକ ରୋମାଞ୍ଚକର ସିନେମାଟିକୁ ଏବେ ପ୍ରାଇମ୍ ଭିଡିଓ ଏବଂ ଆପଲ୍ ଟିଭି ଭଳି ପ୍ରମୁଖ ମଞ୍ଚରେ ଦେଖିବାକୁ ମିଳୁଛି। ତେବେ ଏଥିରେ ଏକ ବିଶେଷ ନିୟମ ରହିଛି; ଗ୍ରାହକମାନେ ଏହାକୁ ମାଗଣାରେ ଦେଖିପାରିବେ ନାହିଁ। ଆନ୍ତର୍ଜାତୀୟ ଦର୍ଶକଙ୍କ ପାଇଁ ଏହାକୁ ସାମୟିକ ଭଡ଼ାରେ ନେବା ପାଇଁ ପ୍ରାୟ ୧୯.୯୯ ଆମେରିକୀୟ ଡଲାର। ଡିଜିଟାଲ୍ ମାଧ୍ୟମରେ ଏହାକୁ ଦେଖୁଥିବା ଦର୍ଶକଙ୍କୁ ବୋନସ୍ ଭାବେ ଚଳଚ୍ଚିତ୍ର ନିର୍ମାଣ ସମୟର ପରଦା ପଛର କିଛି ବିଶେଷ ଦୃଶ୍ୟ ଏବଂ ନିର୍ଦ୍ଦେଶକଙ୍କ ସ୍ୱତନ୍ତ୍ର ମନ୍ତବ୍ୟ ମଧ୍ୟ ଶୁଣିବାକୁ ମିଳିବ। ଏହା ସହିତ ଆସନ୍ତା ଜୁଲାଇ ୧୪ ତାରିଖରେ ଏହି ସିନେମାଟି ଡିଭିଡି ଏବଂ ଉଚ୍ଚ ଗୁଣବତ୍ତା ସମ୍ପନ୍ନ କ୍ୟାସେଟ୍ ଆକାରରେ ମଧ୍ୟ ବଜାରରେ ଉପଲବ୍ଧ ହେବ।

ଚଳିତ ବର୍ଷ 'ଓବସେସନ୍' ହଲିଉଡ୍ ଇତିହାସରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବ୍ୟବସାୟିକ ସଫଳତାର କାହାଣୀ ପାଲଟିଛି। ମାତ୍ର ୭ ଲକ୍ଷ ୫୦ ହଜାର ଡଲାର ଅର୍ଥାତ୍ ଅତି ସ୍ୱଳ୍ପ ବଜେଟ୍‌ରେ ନିର୍ମିତ ଏହି ସିନେମାଟି ସାରା ବିଶ୍ୱରୁ ପ୍ରାୟ ୩୭୦ ନିୟୁତ ଡଲାର ଆୟ କରି ସମସ୍ତଙ୍କୁ ଚକିତ କରିଦେଇଛି। ଟୋରଣ୍ଟୋ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ମଧ୍ୟରାତ୍ରି ବିଭାଗରେ ଏହାର ସଫଳ ପ୍ରଦର୍ଶନ ପରେ ଫୋକସ୍ ଫିଚର୍ସ ନାମକ ସଂସ୍ଥା ଏହାକୁ ୧୫ ନିୟୁତ ଡଲାରରୁ ଅଧିକ ମୂଲ୍ୟରେ କିଣି ନେଇଥିଲା। କରି ବାର୍କରଙ୍କ ଦ୍ୱାରା ଲିଖିତ ଏହି ଚଳଚ୍ଚିତ୍ରର ସମଗ୍ର ସୁଟିଂ କାର୍ଯ୍ୟ ମାତ୍ର ୨୬ ଦିନ ମଧ୍ୟରେ ଶେଷ ହୋଇଥିଲା। ଏହାର କାହାଣୀ ବିୟର (ମାଇକେଲ୍ ଜନଷ୍ଟନ୍) ନାମକ ଜଣେ ଯୁବକ ଉପରେ ଆଧାରିତ, ଯିଏ ଏକ ରହସ୍ୟମୟ ବସ୍ତୁ ସହାୟତାରେ ନିକି (ଇଣ୍ଡେ ନାଭାରେଟ୍) ନାମକ ଜଣେ ଯୁବତୀଙ୍କୁ ନିଜ ପ୍ରେମରେ ପକାଇଥାଏ। ମାତ୍ର ପରବର୍ତ୍ତୀ ସମୟରେ ଯୁବତୀ ଜଣକ ଯେତେବେଳେ ତାଙ୍କ ପ୍ରତି ବିପଜ୍ଜନକ ଭାବେ ଆକର୍ଷିତ ହୁଅନ୍ତି, ସେତେବେଳେ ପରିସ୍ଥିତି ସମ୍ପୂର୍ଣ୍ଣ ଅନିୟନ୍ତ୍ରିତ ହୋଇପଡ଼େ।

ଏହି ଚଳଚ୍ଚିତ୍ରରେ କୁପର୍ ଟମଲିନସନ୍, ମେଗାନ୍ ଲଲେସ୍ ଏବଂ ଆଣ୍ଡି ରିକ୍ଟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ସର୍ବସାଧାରଣରେ ପ୍ରଦର୍ଶିତ ହେବା ପରେ ଏହାକୁ ସମାଲୋଚକ ଓ ପାଠକଙ୍କଠାରୁ ଅଭୁତପୂର୍ବ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ସମାଲୋଚକଙ୍କ ସମୀକ୍ଷା ଆଧାରିତ ପ୍ରସିଦ୍ଧ ୱେବସାଇଟ୍ 'ରଟେନ୍ ଟମାଟୋ'ରେ ଏହାକୁ ୯୪ ପ୍ରତିଶତ ଏବଂ ଆଇଏମଡିବିରେ ପ୍ରାୟ ୧ ଲକ୍ଷ ୪୧ ହଜାର ଦର୍ଶକଙ୍କ ସମୀକ୍ଷା ଆଧାରରେ ୧୦ରୁ ୮.୧ ଭଳି ଶ୍ରେଷ୍ଠ ମାନ୍ୟତା ମିଳିଛି। ଭାରତରେ ଏହି ଚଳଚ୍ଚିତ୍ରଟିର ମୁକ୍ତିଲାଭ ସେତେବେଳେ ବିବାଦୀୟ ହୋଇପଡ଼ିଥିଲା, ଯେତେବେଳେ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଏହାକୁ କେବଳ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରମାଣପତ୍ର ଦେବା ସତ୍ତ୍ୱେ ଏହାର ୩୮ ସେକେଣ୍ଡର ଦୃଶ୍ୟ କାଟିବାକୁ ନିର୍ଦ୍ଦେଶ ଦେଇଥିଲା। ପରବର୍ତ୍ତୀ ସମୟରେ, ପ୍ରେକ୍ଷାଳୟରୁ ହଟାଇ ଦିଆଯାଇଥିବା ସେହି ହିଂସାତ୍ମକ ଦୃଶ୍ୟଗୁଡ଼ିକ ଇଣ୍ଟରନେଟ୍‌ରେ ଲିକ୍ ହୋଇ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ମଧ୍ୟ ହୋଇଥିଲା।

## ଦଶହରାରେ ମୁହାଁମୁହିଁ ହେବେ ଦୁଇ ମେଗାଷ୍ଟାର୍

ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ରଜନୀକାନ୍ତଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି। ଦୀର୍ଘ ଦିନର ପ୍ରତୀକ୍ଷା ଏବଂ କଳ୍ପନାଜଳ୍ପନାର ଅନ୍ତ ଘଟାଇ ପ୍ରଯୋଜକମାନେ ଆନୁଷ୍ଠାନିକ ଭାବେ ତାଙ୍କର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜେଲର ୨'ର ମୁକ୍ତିଲାଭ ତାରିଖ ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରି ନିର୍ମାତାମାନେ ଜଣାଇଛନ୍ତି ଯେ, ଆସନ୍ତା ଅକ୍ଟୋବର ୧୫ ତାରିଖ ଦଶହରା ଅବସରରେ ଏହି ସିନେମାଟି ସାରା ବିଶ୍ୱର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ତେବେ ଏହି ବଡ଼ ପାର୍ବଣ ସମୟରେ ବ୍ୟବସାୟିକ ସ୍ତରରେ ଏକ ମହାଲଢ଼େଇ ଦେଖିବାକୁ ମିଳିବ। କାରଣ ଏହାର ଠିକ୍ ଗୋଟିଏ ଦିନ ପରେ ଅର୍ଥାତ୍ ଅକ୍ଟୋବର ୧୬ ତାରିଖରେ ତେଲୁଗୁ ସିନେମାର ମେଗାଷ୍ଟାର ଚିରଞ୍ଜିବୀଙ୍କ ଅଭିନୀତ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ବିଶ୍ୱମ୍ଭରା' ମଧ୍ୟ ପରଦାକୁ ଆସୁଛି। ଏଭଳି ପରିସ୍ଥିତିରେ ଚଳଚ୍ଚିତ୍ର ବ୍ୟବସାୟ ବିଶ୍ଳେଷକଙ୍କ ଅନୁଯାୟୀ, ଦୁଇ ପ୍ରତିଷ୍ଠିତ ଅଭିନେତାଙ୍କ ମଧ୍ୟରେ ବ୍ୟବସାୟିକ ସଫଳତା ପାଇଁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିତ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ମୁକ୍ତିଲାଭ କରିଥିବା ମୂଳ ଚଳଚ୍ଚିତ୍ର 'ଜେଲର' ବ୍ୟବସାୟିକ ସ୍ତରରେ ଅସାଧାରଣ ସଫଳତା ହାସଲ କରି ସମସ୍ତ ରେକର୍ଡ ଭାଙ୍ଗିଥିଲା। ପ୍ରଥମ ଭାଗର ସେହି ବିପୁଳ ସଫଳତା ପରେ ଏହି ଦ୍ୱିତୀୟ ଭାଗ ବା ଅନୁକୃତିକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ନିର୍ଦ୍ଦେଶକ ନେଲସନ ଦିଲୀପକୁମାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ସମସ୍ତ ସୁଟିଂ କାର୍ଯ୍ୟ ଗତ ଏପ୍ରିଲ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହୋଇସାରିଛି। ପ୍ରଥମ ଭାଗ ଭଳି ଏହି ଦ୍ୱିତୀୟ ଭାଗରେ ମଧ୍ୟ ଜନପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦର ସଙ୍ଗୀତ ରଚନା କରିଛନ୍ତି। ପ୍ରଥମ ଚଳଚ୍ଚିତ୍ରକୁ ଏକ ବଡ଼ ସଫଳତା ଦେବାରେ ଅନିରୁଦ୍ଧଙ୍କ ପୃଷ୍ଠଭୂମି ସଙ୍ଗୀତ ଏବଂ ଗୀତଗୁଡ଼ିକର ଏକ ମୁଖ୍ୟ ଭୂମିକା ଥିଲା, ତେଣୁ ଏହି ନୂତନ ଭାଗରେ ମଧ୍ୟ ତାଙ୍କ ସଙ୍ଗୀତ ଦର୍ଶକଙ୍କ ମନ ଜିତିବ ବୋଲି ନିର୍ମାତାମାନେ ଦୃଢ଼ ଆଶା ରଖିଛନ୍ତି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ